ଆମର ପ୍ରତିବଦ୍ଧତା

ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ ନିଷ୍କର୍ଷ

Approved by DAVP Govt. of India

# ନିଷ୍କର୍ଷ
# NISHKARSHA

RNI REGD. No. : ODIODI/2020/78909

QR Code Scan for Play NTv(24X7) Channel on Your Mobile Phone

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Ntv Nishkarsha @Ntv_Nishkarsha
www.nishkarsha.com
www.nishkarsha.site
www.nishkarsha.in

NISHKARSHA MEDIA ENTERTAINMENT & PUBLICATION

♦ VOLUME - 07 ♦ ISSUE- 02 ♦ CUTTACK ♦ WEEKLY ♦ 12 TO 18 - JANUARY 2026 ♦ 8 PAGE ♦ RATE- 5/- ▪ ବର୍ଷ - ୦୭ ♦ ସଂଖ୍ୟା -୦୨ ♦ କଟକ ♦ ସାପ୍ତାହିକ ♦ ୧୨ ରୁ -୧୮-ଜାନୁଆରୀ-୨୦୨୬ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା


### ଓଡିଶା ଦକ୍ଷତା ପ୍ରତିଯୋଗିତାର ସମାପନୀ ସମାରୋହ

## ରାଜ୍ୟର ହେବ ଦୀର୍ଘସ୍ଥାୟୀ ବିକାଶ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର(ଏନ୍.ଏମ୍.) :** ଓଡିଶାରେ ଏବେ ବ୍ୟାପକ ଶିଳ୍ପାୟନ ପ୍ରକ୍ରିୟା ଆରମ୍ଭ ହୋଇଛି । ନିଜକୁ କୌଣସି କ୍ଷେତ୍ରରେ ଦକ୍ଷ କରାନ୍ତୁ, ଦେଖିବେ ଆମରି ଓଡିଶାରେ ହିଁ ଆପଣଙ୍କୁ ନିଯୁକ୍ତି ମିଳିବ କାରଣ ଦକ୍ଷତା କ୍ଷେତ୍ରର ସମସ୍ତ ସ୍ତରରେ ଉତ୍କର୍ଷତା ହାସଲ କରିବା ହେଉଛି ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଓଡିଶା ଦକ୍ଷତା ପ୍ରତିଯୋଗିତା ୨୦୨୫-୨୬ର ସମାପନୀ ସମାରୋହରେ ରାଜ୍ୟର ଦକ୍ଷ ଓ ଯୁବ କୁଶଳୀ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ।

ଏହି ଦକ୍ଷତା ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୫୪ ଜଣଙ୍କୁ ସ୍ୱର୍ଣ୍ଣ, ୫୩ ଜଣଙ୍କୁ ରୌପ୍ୟ ଏବଂ ୫୦ ଜଣଙ୍କୁ ବ୍ରୋଞ୍ଜ ପଦକ ଦେଇ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ । ସ୍ୱର୍ଣ୍ଣ ବିଜେତା ମାନଙ୍କୁ ୨୫ ହଜାର, ରୌପ୍ୟ ବିଜେତାଙ୍କୁ ୨୦ ହଜାର ଏବଂ ବ୍ରୋଞ୍ଜ ବିଜେତାଙ୍କୁ ୧୫ ହଜାର ଟଙ୍କା କ୍ୟାସ୍ ପ୍ରାଇଜ ଓ ମାନପତ୍ର ଦିଆଯାଇଥିଲା । ସେ ପୁଣି କହିଥିଲେ ରାଜ୍ୟର ଦୀର୍ଘସ୍ଥାୟୀ ବିକାଶ ପାଇଁ ଏବଂ ଅର୍ଥନୈତିକ ଉନ୍ନତି ପାଇଁ ଦକ୍ଷତା ଜରୁରୀ ଆବଶ୍ୟକ । ଆମର ମୂଳଲକ୍ଷ୍ୟ ହେଉଛି ଲୋକଙ୍କୁ ସଶକ୍ତ କରିବା । ଆମର ଯୁବବର୍ଗ ଯେତେ ପରିମାଣରେ ଦକ୍ଷ ହେବେ, ଆତ୍ମବିଶ୍ୱାସୀ ହେବେ, ସେମାନେ ନିଜର ଭବିଷ୍ୟତକୁ ଉଜ୍ଜ୍ୱଳ କରି ଗଢି ପାରିବେ । ଯାହା ୨୦୩୬ ସମୃଦ୍ଧ ଓଡିଶା ଏବଂ ୨୦୪୭ ବିକଶିତ ଭାରତର ପରିକଳ୍ପନାକୁ ସାକାର କରିପାରିବ । ଯୁବବର୍ଗଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେଲେ, ଓଡିଶାର ଭବିଷ୍ୟତ ମଧ ଉଜ୍ଜ୍ୱଳ ହେବ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମର ଶିଳ୍ପାୟନ ଲକ୍ଷ୍ୟର ତିନୋଟି ମୁଖ୍ୟ ସ୍ତମ୍ଭ ହେଉଛି- ଭିତ୍ତିଭୂମି, ଶିଳ୍ପ ସ୍ଥାପନ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ଏବଂ ଦକ୍ଷତା । ଏ ସବୁ କ୍ଷେତ୍ରକୁ ସୁଦୃଢ଼ କରି ଓଡ଼ିଶାର ଇଣ୍ଡଷ୍ଟ୍ରିଆଲ୍ ଇକୋ-ସିଷ୍ଟମକୁ ଶ୍ରେଷ୍ଠ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି । ଗତ ୧୮ ମାସ ମଧ୍ୟରେ ୬.୧୫ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପକୁ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶




୫୪ ଜଣଙ୍କୁ ସ୍ୱର୍ଣ୍ଣ, ୫୩ ଜଣଙ୍କୁ ରୌପ୍ୟ ଏବଂ ୫୦ ଜଣଙ୍କୁ ବ୍ରୋଞ୍ଜ ପଦକ

## ୟୁଜରଙ୍କ ଗୁପ୍ତଚରୀ କରୁଛି ଜିମେଲ !

### ତୁରନ୍ତ ଏହି ଦୁଇଟି ସେଟିଂ ବନ୍ଦ କରନ୍ତୁ ନଚେତ୍ ଗୋପନୀୟତା ପଡ଼ିବ ବିପଦରେ




**ନୂଆଦିଲ୍ଲୀ (ଏଜେନ୍ସି) :** ଜିମେଲ ୟୁଜରଙ୍କ ଗୋପନୀୟତାକୁ ନେଇ ପୁଣି ଥରେ ଚିନ୍ତା ବଢ଼ିଛି । ଟେକ୍ ବିଶେଷଜ୍ଞ ଦାବି କରିଛନ୍ତି ଯେ, ଏକ୍ସକ୍ଲୁଶକ୍ଷର ହୁଏତ ଏହାର ଇଓ ମଡେଲଗୁଡ଼ିକୁ ଟ୍ରେନ୍ କରିବା ପାଇଁ ୟୁଜରଙ୍କ ଇମେଲ୍ ଡାଟା ଆକ୍ସେସ୍ କରୁଛି । ରିପୋର୍ଟ ଅନୁଯାୟୀ, ଜିମେଲରେ କିଛି ସ୍ମାର୍ଟ ଫିଚର୍ ଡିଫଲ୍ଟ ଭାବରେ ସକ୍ଷମ ହୋଇଛି । ସେସବୁ ଏଆଇକୁ ବ୍ୟକ୍ତିଗତ ମେସେଜ୍ ଏବଂ ଆଟାଚମେଣ୍ଟ ପର୍ଯ୍ୟନ୍ତ ପହଞ୍ଚିବାର ପଥ ପରିଷ୍କାର କରିପାରେ । ତେଣୁ, ୟୁଜରମାନଙ୍କୁ ଏବେ ନିଜସ୍ୱ ସେଟିଂସ୍ ଯାଞ୍ଚ କରିବାକୁ ଏବଂ ଆବଶ୍ୟକୀୟ ପରିବର୍ତ୍ତନ କରିବାକୁ ପରାମର୍ଶ ଦିଆଯାଉଛି । ଜିମେଲ ବିଷୟରେ ନୂଆ ଦାବି ହେଉଛି ଯେ, ଗଣମାଧ୍ୟମ ନ୍ୟୁୟର୍କ ପୋଷ୍ଟ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି ଚେତାବନୀ ଦେଇଛନ୍ତି । ଜିମେଲ ୟୁଜରମାନେ ପୂର୍ବରୁ ଏଆଇ ଟ୍ରେନିଂ ଗ୍ରହଣ କରିଛନ୍ତି । ତାଙ୍କ ଅନୁସାରେ, ଜିମେଲ ୟୁଜରଙ୍କ ବ୍ୟକ୍ତିଗତ ଇମେଲ୍ ଏବଂ ଆଟାଚମେଣ୍ଟ ଗୁଡ଼ିକୁ ଆକ୍ସେସ ଦେଇ ଏଆଇ ମଡେଲଗୁଡ଼ିକୁ ଟ୍ରେନ୍ କରିପାରିବ । ସେ ଏହାକୁ ଏକ ଗମ୍ଭୀର ସମସ୍ୟା ବୋଲି କହି କହିଛନ୍ତି । ତେଣୁ ଏଥିରୁ ଦୂରେଇ ରହିବା ପାଇଁ ୟୁଜରମାନଙ୍କୁ ଦୁଇଟି ଭିନ୍ନ ସ୍ଥାନରେ ସେଟିଂସ୍ ମାନୁଆଲୀ ବନ୍ଦ କରିବାକୁ ପଡିବ । ଏବେ ଜିମେଲରେ କିଛି ବୈଶିଷ୍ଟ୍ୟ ଚିନ୍ତାର କାରଣ ହୋଇଛି । ରିପୋର୍ଟ ଅନୁଯାୟୀ, ଜିମେଲର ସ୍ମାର୍ଟ ଫିଚର୍ସ ଏବଂ ୱର୍କସ୍ପେସ୍ ସ୍ମାର୍ଟ ଫିଚର୍ସ ୟୁଜରଙ୍କ ଡାଟା ଆକ୍ସେସ୍ କରିପାରିବ । ଏହି ଫିଚର୍ସରେ ଆସ୍କ ଜେମିନି, କଣ୍ଟେଣ୍ଟ ସାରାଂଶ, ସ୍ମାର୍ଟ ସଜେସନ୍ସ ଏବଂ ଗୁଗୁଲ୍ ଆସିଷ୍ଟାଣ୍ଟ ଭଳି ପାୱାର ଟୁଲ୍ସ ରହିଛି । ବିଶେଷଜ୍ଞମାନଙ୍କ ଅନୁସାରେ ଏହି ଏଆଇ ଫିଚର୍ସ ଇନବକ୍ସ ଡାଟା ଉପରେ ନିର୍ଭର କରେ । ତେଣୁ, ସେଗୁଡ଼ିକୁ ବନ୍ଦ କରିବା ଦ୍ୱାରା ଜିମେଲର ଏଆଇ ଇଣ୍ଟିଗ୍ରେସନର ଅଧିକାଂଶ ଅଂଶ ଦୂର ହୋଇଯାଇଥାଏ । ତେବେ ପ୍ରଶ୍ନ ଉଠୁଛି ଜିମେଲରେ ସ୍ମାର୍ଟ ଫିଚରଗୁଡ଼ିକୁ କିପରି ବନ୍ଦ କରାଯାଇ ପାରିବ । ଡେସ୍କଟପ୍ କିମ୍ବା ଲାପଟପ୍ ୟୁଜରମାନେ ଜିମେଲରେ ସମସ୍ତ ସେଟିଂସ୍ ଦେଖି ପରେ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ଦିଲ୍ଲୀରେ କଲିକତା ତାତି

### କେନ୍ଦ୍ର ସକାରଙ୍କ ବିରୋଧରେ ଗର୍ଜିଲେ ମମତା



**ନୂଆଦିଲ୍ଲୀ (ଏଜେନ୍ସି) :** କୋଲକାତାରେ ମମତା ବାନାର୍ଜୀଙ୍କ ରାଜନୈତିକ ପରାମର୍ଶଦାତା ସଂସ୍ଥା ଆଇ-ପାକ୍ ଅଫିସରେ ଇଡି ଚଢ଼ାଉକୁ ବିରୋଧ କରିଛି ତୃଣମୂଳ କଂଗ୍ରେସ । ନୂଆଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ ବେଳେ ଟିଏମସି ସାଂସଦଙ୍କ ସମେତ ବହୁ ନେତାଙ୍କୁ ପୁଲିସ ଉଠାଇ ନେଇଥିଲା । କୋଲକାତାରେ ମଧ ଜୋରଦାର ପ୍ରତିବାଦ କରାଯାଇଛି । ଏପଟେ ଇଡି ଓ ଟିଏମସି ରୁଜୁ କରିଥିବା ମାମଲାର ଶୁଣାଣିକୁ ହାଇକୋର୍ଟ ଜାନୁଆରି ୧୪କୁ ସ୍ଥଗିତ ରଖିଛନ୍ତି । ନୂଆଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଅଫିସ ସାମ୍ନାରେ ତୃଣମୂଳ କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ । ଡେରେକ୍ ଓବ୍ରିଏନଙ୍କ ନେତୃତ୍ୱରେ ମହୁଆ ମୈତ୍ର, ଶତାବ୍ଦୀ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ରାଉରକେଲା ବିମାନ ଦୁର୍ଘଟଣାକୁ ନେଇ ତଦନ୍ତକାରୀ ଟିମର ତନାଘନା



**ରାଉରକେଲା/ସାରନଗରୀ (ଏନ୍.ଏମ୍.) :** ରାଉରକେଲା ବିମାନ ଦୁର୍ଘଟଣାକୁ ନେଇ ରାଜ୍ୟ ତଥା ଜାତୀୟସ୍ତରର ତଦନ୍ତକାରୀ ଟିମ୍ ତନାଘନା ଜାରି ରଖିଛନ୍ତି । ପ୍ରାଥମିକ ତଦନ୍ତ ଅନୁସାରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଦୁର୍ଘଟଣା ଘଟିଛି । ରବିବାର ଦିଲ୍ଲୀ, କୋଲକାତା ଓ ଭୁବନେଶ୍ୱରରୁ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ)ର ଟିମ୍ ସହ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ (ଏଏଆଇବି) ଘଟଣାସ୍ଥଳ ପରିଦର୍ଶନ କରି ଆକାଶମାର୍ଗରୁ ସ୍ଥିତି ନିରୀକ୍ଷଣ କରିଥିଲେ । ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ମଧ ରାଉରକେଲାରେ ପହଞ୍ଚି ସ୍ଥାନୀୟ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ ଏବଂ ଜେପି ହସ୍ପିଟାଲରେ ଗୁରୁତର ପାଇଲଟ୍ ଓ ଯାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ । ରବିବାର ରାତି ପ୍ରାୟ ସାଢ଼େ ୧୧ଟାବେଳେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ରାଉରକେଲାରେ ପହଞ୍ଚି ଆଜି ସକାଳ ୭ଟାରେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ତାଙ୍କ ସହ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ବୀରମିତ୍ରପୁରର ପୂର୍ବତନ ବିଧାୟକ ଶଙ୍କର ଓରାମ, ରାଉରକେଲା ବିଧାୟକ ସାରଦା ପ୍ରସାଦ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

### ଲାଗିପାରେ ଟ୍ରମ୍ପଙ୍କୁ ଝଟ୍‌କା

## ଆଉ କୌଣସି ଦେଶ ଉପରେ କରିପାରିବେନି ଆକ୍ରମଣ



**ନୂଆଦିଲ୍ଲୀ (ଏଜେନ୍ସି) :** ଭେନେଜୁଆଲାର ନିକୋଲସ ମାଦୁରୋଙ୍କ ବିରୋଧରେ ସୈନ୍ୟ ଅଭିଯାନ ପରେ ଆମେରିକା ପୂରା ଜୋଶରେ ରହିଛି । ଭେନେଜୁଆଲା ବିପକ୍ଷରେ ଅପରେସନ ପରେ ରାଷ୍ଟ୍ରପତି ଟ୍ରମ୍ପ ଅନ୍ୟ ୬ଟି ଦେଶଙ୍କୁ ସୈନ୍ୟ କାର୍ଯ୍ୟାନୁଷ୍ଠାନର ଧମକ ଦେଇଛନ୍ତି । ଏମାନଙ୍କ ମଧ୍ୟରେ ଇରାନ, କଲୋମ୍ବିଆ, କ୍ୟୁବା, ଗ୍ରୀନଲାଣ୍ଡ ଓ ମେକ୍ସିକୋର ନାଁ ପ୍ରମୁଖ । ହେଲେ ଆମେରିକା ରାଜନୈତିକ ପରିସରରୁ ଶୁଣିବାକୁ ମିଳୁଛି, ଆଗାମୀ ଦିନରେ ଅନ୍ୟ କୌଣସି ଦେଶ ଉପରେ ଟ୍ରମ୍ପ ଆକ୍ରମଣ କରିବାର ଏତେ ସହଜ ହେବନାହିଁ । କାରଣ, ଆମେରିକା ସଂସଦର ଡେମୋକ୍ରାଟିକ୍ସ ପାର୍ଟିର ସାଂସଦ ଟ୍ରମ୍ପ ପ୍ରଶାସନ ବିରୋଧରେ ପ୍ରସ୍ତାବ ଆଣିବାକୁ ଯାଉଛନ୍ତି । ଏହି ପ୍ରସ୍ତାବର ଉଦ୍ଦେଶ୍ୟ କୌଣସି ଦେଶ ଉପରେ ଆକ୍ରମଣକୁ ପ୍ରତିହିତ କରିବା ବା ଅଟକାଇବା । ଚଳିତମାସ ଶେଷ ଆଡ଼କୁ ଏହି ପ୍ରସ୍ତାବ ଆସିବାକୁ ଯାଉଛି । ଯଦି ଏହା ଆମେରିକା ସଂସଦରେ ପାରିତ ହୋଇଗଲା ତେବେ ଟ୍ରମ୍ପ ବ୍ୟାକଫୁଟକୁ ଚାଲିଯିବେ । ଏହି ପ୍ରସ୍ତାବ ସଂସଦରେ ପାରିତ ହୋଇଗଲେ, ଟ୍ରମ୍ପ ପ୍ରଶାସନକୁ ୫ଟି ବଡ଼ ଝଟକା ଲାଗିବାକୁ ଯାଉଛି । ଆସନ୍ତୁ ଜାଣିବା, ଆଗକୁ ଟ୍ରମ୍ପଙ୍କ ପାଇଁ କେତେ କଷ୍ଟକର ହେବ ଅନ୍ୟ ଦେଶ ଉପରେ ଆକ୍ରମଣ କରିବା ।

୧. ଡେମୋକ୍ରେଟିକ୍ସ ପାର୍ଟିର ପ୍ରଥମ ପ୍ରୟାସ ରହିଛି ଯୁଦ୍ଧ ଶକ୍ତି କଣ୍ଟ୍ରୋଲ ସମ୍ବନ୍ଧିତ ପ୍ରସ୍ତାବ ଉପରେ ସଂସଦରେ ମତଦାନ କରାଇବା । ଏହାଦ୍ୱାରା ସଂସଦକୁ ଭରଷାକୁ ନନେଇ ହ୍ୱାଇଟ୍ ହାଉସ କୌଣସି ଦେଶ ଉପରେ ଆକ୍ରମଣ କରିବା ନେଇ ଚାପ ପଡ଼ିବ । ଆଉ ସରକାର ଯଦି ସଂସଦକୁ ଭରଷାକୁ ନେବାକୁ ଯିବ ତେବେ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ପିୟୁସିସି ନିୟମ ବଦଳାଯାଇ ଲୋକଙ୍କୁ ହଇରାଣ କରାଯାଉଛି : ନବୀନ



**ଭୁବନେଶ୍ୱର(ଏନ୍.ଏମ୍.) :** ପିୟୁସିସି ପାଇଁ ବାରମ୍ବାର ତାରିଖ ବଦଳା ପ୍ରସଙ୍ଗ । ଲୋକଙ୍କ ହଇରାଣ ଓ ହରକତକୁ ଦେଖି ଚିନ୍ତା ପ୍ରକଟ କଲେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ । ସେ କହିଛନ୍ତି, ରାଜ୍ୟ ସରକାରଙ୍କ ଦ୍ୱାରା ଚାଲିଥିବା ପିୟୁସିସି ପ୍ରକ୍ରିୟାରେ ଘୋର ଅବ୍ୟବସ୍ଥା ଦେଖାଦେଇଛି । ଏନେଇ ବାରମ୍ବାର ମତ ବଦଳାଉଛନ୍ତି ରାଜ୍ୟ ସରକାର । ଫଳରେ ରାଜ୍ୟରେ ଏକ କଠିନ ପରିସ୍ଥିତି ସୃଷ୍ଟି ହୋଇଛି । ଏହି ନୀତି ଯୋଗୁଁ ଲୋକେ ହଇରାଣ ହେଉଛନ୍ତି । ଆଗକୁ ସେ କହିଛନ୍ତି, ଜାନୁଆରୀ ପହିଲାରେ ରାଜ୍ୟ ସରକାରଙ୍କ ନୋ ପିୟୁସିସି ନୋ ଫୁଏଲ ଘୋଷଣା ଗାଡ଼ି ଚାଳକଙ୍କୁ ହରଡ଼ଘଣାରେ ପକାଇଛି । ରାଜ୍ୟ ସାରା ଟେଷ୍ଟିଂ ସେଣ୍ଟର ଆଗରେ ଲୋକଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା । ଆଗୁଆ ପ୍ରସ୍ତୁତି ନକରି, ଭିତ୍ତିଭୂମି ନ ଯୋଗାଇ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

### ଶ୍ରୀମନ୍ଦିର ମୁଖ୍ୟପ୍ରଶାସକଙ୍କ ଅଧକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ

## ୫୦୦ ଟଙ୍କା ରହିବ ଭକ୍ତନିବାସ ପାର୍କିଂ



**ପୁରୀ(ଏନ୍.ଏମ୍.) :** ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ଅଧକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଅନେକ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ବୈଠକ ପରେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ପ୍ରତିକ୍ରିୟା ରଖିଛନ୍ତି । ଆଗାମୀ ରଥଯାତ୍ରା ଅବସରରେ ରଥ ନିର୍ମାଣ ପାଇଁ ଆବଶ୍ୟକ ଥିବା ରଥ କାଠକୁ ନେଇ ବୈଠକରେ ଆଲୋଚନା ହୋଇଛି । ରଥ ନିର୍ମାଣ ପାଇଁ ସମସ୍ତ କାଠ କିଭଳି ଠିକ୍ ସମୟରେ ପହଞ୍ଚି ପାରିବ ସେନେଇ ଗୁରୁତ୍ୱ ଦିଆଯାଇଛି । ରତ୍ନ ଭଣ୍ଡାରର ରତ୍ନ ଅଳଙ୍କାରର ଗଣତି ମଣତି ନେଇ ଆସନ୍ତା ଜାନୁଆରୀ ୧୭ ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟିର ଜରୁରୀ ବୈଠକ ଡକାଯାଇଛି । ରତ୍ନ ଅଳଙ୍କାର ଗଣତି ମଣତି ନେଇ ପ୍ରସ୍ତୁତ ଏସଓପି ଉପରେ ବୈଠକରେ ଆଲୋଚନା ହେବ ।

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

### ପେଟ ପାଇଁ ମୃତ୍ୟୁ ସହ ଲଢ଼େଇ

## ନଦୀ ପାର ପାଇଁ ତୁମ୍ବା, ପାଣି ବୋତଲ ଭରସା



**ମାଲକାନଗିରି (ଏନ୍.ଏମ୍.) :** ନଦୀ ଏପଟେ ଘର, ସେପଟେ ଚାଷ ଜମି । ଗାଁରେ ଜୀବିକାର କିଛି ମାଧ୍ୟମ ନାହିଁ । ଫଳରେ ପେଟକୁ ଦାନା ଯୋଗାଡ଼ ପାଇଁ ଗ୍ରାମବାସୀଙ୍କୁ ନଦୀ ପାରି ହେବାକୁ ପଡୁଛି । ତାହା ପୁଣି ଲାଉ ତୁମ୍ବା ଓ ପାଣି ବୋତଲ ସାହାଯ୍ୟରେ । ସ୍ୱାଧୀନତାର ୮ ଦଶନ୍ଧି ପରେ ବି ବିକାଶଠୁ ଦୂରରେ ରହି ଏପରି ଦୁର୍ବିସହ ଜୀବନ ବିତାଉଛନ୍ତି ଚିତ୍ରକୋଣ୍ଡା ବ୍ଲକ୍ ଯନ୍ତ୍ରୀ ପଞ୍ଚାୟତର ତାବେର ଗ୍ରାମବାସୀ । ଯନ୍ତ୍ରୀ ପଞ୍ଚାୟତରୁ ୧୦ କିମି ଦୂରରେ ରହିଛି ଏହି ଗାଁ । ଗାଁରେ ୪୦ ପରିବାର ବସବାସ କରୁଛନ୍ତି । ହେଲେ କୌଣସି ମୌଳିକ ସୁବିଧା ନାହିଁ । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସବୁ କିଛି ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି । ଗ୍ରାମବାସୀଙ୍କ ବାସସ୍ଥାନ ଓ ଦାନାପାଣିକୁ ଦୁଇ ଭାଗ କରିଛି ତାବେର ନଦୀ । ମୁଖ୍ୟ ଜୀବିକା ଚାଷ ହୋଇଥିବାରୁ ଗ୍ରାମବାସୀ ପ୍ରତ୍ୟେକ ଦିନ ଅଣ୍ଟାରେ ଲାଉ ତୁମ୍ବା ଓ ଖାଲି ପାଣି ବୋତଲ ବାନ୍ଧି ବିପଦପୂର୍ଣ୍ଣ ଭାବେ ନଦୀ ପାର୍ ହୁଅନ୍ତି । ଗ୍ରାମବାସୀଙ୍କ ସମେତ ହଳବଳଦ ମଧ ନଦୀ ପାରି ହୋଇଥାନ୍ତି । ବିପଦପୂର୍ଣ୍ଣ ନଦୀ ପାର ସମୟରେ ଚାଲିଯାଇଛି ଅନେକଙ୍କ ଜୀବନ । ଅନ୍ୟ କିଛି ବିକଳ୍ପ ରାସ୍ତା ନଥିବାରୁ ମହିଳା, ପୁରୁଷ ସହ ଛୋଟ ପିଲା ମଧ ଆବଶ୍ୟକ ସମୟରେ ନଦୀ ପାର୍ ହୋଇ ବିଭିନ୍ନ କାମରେ ବାହାରକୁ ଯାଇଥାନ୍ତି । ଗଭୀର ନଦୀ ପାର୍ ହେବା ଗ୍ରାମବାସୀଙ୍କର ଅଭ୍ୟାସ ହୋଇ ଯାଇଥିବାରୁ ବର୍ଷା ଦିନେ ମଧ ପ୍ରଖର ସ୍ରୋତକୁ କାଟି ପାର୍ ହୋଇଥାନ୍ତି । ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପାଇଁ ଗ୍ରାମବାସୀଙ୍କୁ ନଦୀ ଅପର ପାର୍ଶ୍ୱରେ ଥିବା ଆନ୍ଧ୍ର ବଜାରକୁ ଯିବାକୁ ପଡ଼ିଥାଏ । ତେବେ ଗ୍ରାମବାସୀଙ୍କ ଏହି ଦୁର୍ଦ୍ଦଶା ସମ୍ପର୍କରେ କେ ?ଣସି ଖବର ପ୍ରଶାସନ ପାଖରେ ନାହିଁ । ନଦୀ ଉପରେ ସେତୁ ନିର୍ମାଣ ପାଇଁ ଗ୍ରାମବାସୀ ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରିଛନ୍ତି । କିଛି ସୁଫଳ ମିଳିନି । ଗୁରୁପ୍ରିୟା ସେତୁ ନିର୍ମାଣ ପରେ ସ୍ୱାଭିମାନ ଅଞ୍ଚଳର ବିକାଶକୁ ସରକାର ପ୍ରାଥମିକତା ଦେଇଛନ୍ତି । ଅଥଚ ପ୍ରଶାସନିକ ଅଧିକାରୀଙ୍କ ଅବହେଳାରୁ ତାବେର ଭଳି ଅନେକ ଦୁର୍ଗମ ଅଞ୍ଚଳକୁ ବିକାଶ ଅପହଞ୍ଚ ହୋଇ ରହିଛି । ତାବେର ଗାଁ ସମସ୍ୟା ସମ୍ପର୍କରେ ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ କହିଛନ୍ତି, ସମସ୍ୟା ସମ୍ପର୍କରେ ପ୍ରଶାସନ ଅବଗତ ଅଛି । ତାବେର ନଦୀରେ ସେତୁ ନିର୍ମାଣ ସହ ଗ୍ରାମବାସୀଙ୍କୁ ମୌଳିକ ସୁବିଧା ଯୋଗାଇ ଦିଆଯିବା ନେଇ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ।

## ଦିବ୍ୟାଙ୍ଗମାନଙ୍କ ପାଇଁ ଆର୍ଥିକ ସମୃଦ୍ଧିର ବାଟ ଖୋଲିଲା ଷ୍ଟ୍ରବେରୀ




**ବାରିପଦା(ଏନ୍.ଏମ୍.) :** ବାରିପଦାରେ ଦ୍ୱିତୀୟ ଥର ପାଇଁ ଖୋଲିଲା 'ଶିମିଳିପାଳ ଫ୍ରେସ ଷ୍ଟ୍ରୋବେରୀ ଏବଂ ଜୁସ୍' ଷ୍ଟଲ । ଗତବର୍ଷ ଶିମିଳିପାଳ ପାଦଦେଶର ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ କିଛି ଗ୍ରାମରେ ସରକାରୀ ସହାୟତାରେ ଷ୍ଟ୍ରୋବେରୀ ଚାଷ ପାଇଁ ପ୍ରୋତ୍ସାହନ ଯୋଗାଇବା ସହ ଚାରା ଯୋଗାଇବା ଠାରୁ ଆରମ୍ଭ କରି ଉତ୍ପାଦନ ପରେ ବିକ୍ରି କରିବା ପର୍ଯ୍ୟନ୍ତ ସମସ୍ତ ସହାୟତା ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ କରିଥିଲା । ଏଥିରେ ଷ୍ଟ୍ରୋବେରୀ ବିକ୍ରି ପାଇଁ ଦିବ୍ୟାଙ୍ଗ ସଂଘ ଆଗକୁ ଆସିଥିଲା ଓ ସହର ମଧ୍ୟରେ ବିଭିନ୍ନ ଛକ ମାନଙ୍କରେ ଷ୍ଟୋଲ ଖୋଲି ଫ୍ରେସ ଷ୍ଟ୍ରୋବେରୀ ଓ ଜୁସ୍ ବିକ୍ରି କରୁଥିଲେ । ତେବେ ଚଳିତବର୍ଷ ସରକାରୀ ସହାୟତା ନପାଇଥିଲେ ମଧ କିଛି ଚାଷୀ ଆତ୍ମନିର୍ଭରଶୀଳ ହେବାପାଇଁ ନିଜସ୍ୱ ଉଦ୍ୟମରେ ଷ୍ଟ୍ରୋବେରୀ ଚାଷ କରିଛନ୍ତି ।

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

# ଚର୍ଚ୍ଚାରେ 'ବର୍ଡର-୨' ଅଭିନେତା ପରମବୀର ଚିମା



ବାପାଙ୍କ ପାଇଁ ସବୁ ସମ୍ଭବ ହୋଇଥିବା କହିଲେ ଅଭିନେତା

**ମୁମ୍ବାଇ(ଏଜେନ୍ସି):** 'ବର୍ଡର-୨' ଚଳଚିତ୍ରକୁ ନେଇ ସୋସିଆଲ ମିଡିଆରେ ସମସ୍ତଙ୍କ ଭିତରେ ବହୁତ ଉତ୍ସାହ ରହିଛି। ଏହାଛଡା ପ୍ରଶଂସକମାନେ 'ବର୍ଡର ୨'ର ଗୀତ 'ଘର କବ୍ ଆଓଗେ'କୁ ବହୁତ ଭଲପାଇବା ମଧ୍ୟ ଦେଉଛନ୍ତି। ଏହି ଫିଲ୍ମରେ ସେନାର ବିଭିନ୍ନ ସାହାସୀ ଅଧିକାରୀଙ୍କ ଭୂମିକାରେ ଅନେକ ପ୍ରମୁଖ ତାରକା ଅଭିନୟ କରିଛନ୍ତି। ପ୍ରଶଂସକମାନେ ସନ୍ନି ଦେଓଲଙ୍କ ସହ ବରୁଣ ଧୱନ, ଦିଲଜିତ ଦୋସାଞ୍ଜ ଏବଂ ଆହାନ ସେଟ୍ଟୀଙ୍କ ଭଳି ଅଭିନେତାଙ୍କ ଅଭିନୟ ଦେଖିବାକୁ ଚାତକ ପରି ଅନେଇ ରହିଛନ୍ତି। ଟିଜର ଏବଂ ଗୀତରେ ନଜର ଆସିଥିବା ଆଉ ଜଣେ ଅଭିନେତାଙ୍କୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି। ସେ ହେଲେ ପରମବୀର ସିଂ ଚିମା। ସେ ଫିଲ୍ମରେ ସୁବେଦାର ନିଶାନ ସିଂହଙ୍କ ଭୂମିକାରେ ଅଭିନୟ କରିଛନ୍ତି।

## ପରମବୀର ଚିମା କିଏ ?

ପରମବୀର ଚିମା ସଦ୍ୟ ମୁକ୍ତିଲାଭ କରିଥିବା କ୍ରିତି ସାନନ୍ ଏବଂ ଧନୁଷଙ୍କ ଅଭିନୀତ ଫିଲ୍ମ 'ତେରେ ଇସ୍କ ମେଁ'ରେ ନଜର ଆସିଥିଲେ। ବର୍ତ୍ତମାନ 'ବର୍ଡର ୨' ତାଙ୍କ କ୍ୟାରିଅରର ସବୁଠାରୁ ବଡ଼ ଫିଲ୍ମ ହେବାକୁ ଯାଉଛି। ଏହି ପ୍ରୋଜେକ୍ଟ ଭାରତୀୟ ଦର୍ଶକଙ୍କ ମଧ୍ୟରେ ତାଙ୍କର ଲୋକପ୍ରିୟତାକୁ ଆହୁରି ବୃଦ୍ଧି କରିବା ନେଇ ଅନୁମାନ କରାଯାଉଛି। ପରମବୀର ପଞ୍ଜାବର ଜଳନ୍ଧରର ବାସିନ୍ଦା ଅଟନ୍ତି। ସେ ପଞ୍ଜାବୀ କ୍ରାଇମ୍ ଥ୍ରୀଲର୍ ଧାରାବାହିକ 'ଟବ୍ବର'ରୁ ପ୍ରସିଦ୍ଧି ହାସଲ କରିଥିଲେ। ଏଥିରେ ସେ ଇନ୍ସପେକ୍ଟର ଲଖବିନ୍ଦର ଭୂମିକାରେ ନଜର ଆସି ଚମତ୍କାର ଅଭିନୟ କରିଥିଲେ। ଏହି ପ୍ରୋଜେକ୍ଟ ତାଙ୍କୁ ଦର୍ଶକଙ୍କ ମଧ୍ୟରେ ପରିଚିତି କରାଇଥିଲା।

## ଆକର୍ଷଣୀୟ ରହିଛି ପରମବୀରଙ୍କ କାହାଣୀ

'ବର୍ଡର ୨'ରେ ପରମବୀରଙ୍କ କାହାଣୀ ଖୁବ୍ ଆକର୍ଷଣୀୟ ରହିଛି। ଏକ ସାକ୍ଷାତକାରରେ ଅଭିନେତା କହିଛନ୍ତି ଯେ, 'ବର୍ଡର ୨'ର ନିର୍ଦ୍ଦେଶକ ଅନୁରାଗ ସିଂହ ତାଙ୍କର ସୋ' 'ଟବ୍ବର' ଦେଖିଥିଲେ। ସେଥିରେ ସେ ହରିୟାଣା ରେଜିମେଣ୍ଟର ଜଣେ ସୈନିକ ଭୂମିକାରେ ଅଭିନୟ କରିଥିଲେ। ଏଥିରେ ମୋ ଅଭିନୟ ଦେଖିବା ପରେ ମୋତେ 'ବର୍ଡର ୨'ରେ ସୁଯୋଗ ମିଳିଥିଲା।

## ମିଷ୍ଟର ଇଣ୍ଡିଆ ପ୍ରତିଯୋଗିତା ଜିତିଥିଲେ ପରମବୀର

ପରମବୀର ସୋନି ଟିଭିର ସୋ' ଚମକ ସିଜିନ୍ ୧ ଏବଂ ୨ରେ ମଧ୍ୟ କାମ କରିଥିଲେ। କାଲା ଭୂମିକାରେ ସେ ଦର୍ଶକଙ୍କ ହୃଦୟ ଜିତିଥିଲେ। ସେ ତାଙ୍କ କଲେଜ ସମୟରେ ଦିଲ୍ଲୀରେ ମିଷ୍ଟର ଇଣ୍ଡିଆ ପ୍ରତିଯୋଗିତା ମଧ୍ୟ ଜିତିଥିଲେ ବୋଲି ଜଣାପଡ଼ିଛି।

## ବାପା ଦେଇଥିଲେ ପ୍ରେରଣା

ଏକ ସାକ୍ଷାତକାରରେ ଅଭିନେତା ପ୍ରକାଶ କରିଥିଲେ ଯେ, ମିଷ୍ଟର ଇଣ୍ଡିଆ ଜିତିବା ପରେ ମଧ୍ୟ ତାଙ୍କୁ କାମ ନ ମିଳିବାରୁ ସେ ନିରାଶ ହୋଇଯାଇଥିଲେ। ତାପରେ କୋଭିଡ-୧୯ ମହାମାରୀ ଆସିଥିଲା, ଫଳରେ ସେ କାମ ପାଇଲେ ନାହିଁ। ମୁମ୍ବାଇରୁ ଘରକୁ ଫେରି ସେ ତାଙ୍କ ପରିବାରର ଆର୍ଥିକ ଅସୁବିଧା ଦେଖିଥିଲେ। ତାଙ୍କ ପରିବାରର ଆର୍ଥିକ ପରିସ୍ଥିତି ଦେଖି ସେ ଅଭିନୟ ଛାଡ଼ିବାକୁ ଚିନ୍ତା କରିଥିଲେ। କିନ୍ତୁ ତାଙ୍କ ବାପା ତାଙ୍କୁ ଅଭିନୟ କ୍ୟାରିୟର ନଛାଡିବାକୁ ପରାମର୍ଶ ଦେଇଥିଲେ ଏବଂ ପରେ ତାଙ୍କ ଭାଗ୍ୟ ବଦଳିଯାଇଥିଲା।

# ସନ୍ଦିଗ୍ଧ ଅବସ୍ଥାରେ ଘରୁ ମିଳିଲା ଅଭିନେତ୍ରୀଙ୍କ ମୃତଦେହ



**ମୁମ୍ବାଇ(ଏଜେନ୍ସି):** ହଲିଉଡ଼ରେ ଖେଳିଯାଇଛି ଶୋକର ଛାୟା। ଜଣେ ଅଭିନେତ୍ରୀଙ୍କ ଅସ୍ୱାଭାବିକ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ପ୍ରଶଂସକମାନେ। ତେବେ ତାଙ୍କ ମୃତ୍ୟୁକୁ ନେଇ ହଲିଉଡ଼ରେ ଅନେକ ଚର୍ଚ୍ଚା ମଧ୍ୟ ଆରମ୍ଭ ହୋଇଛି। ଆଖିବୁଜିଲେ ହଲିଉଡ ପ୍ରଖ୍ୟାତ ଅଭିନେତ୍ରୀ ତଥା ମଡେଲ ଡେଲ ହେଡେନ୍। ଆମେରିକାର ପେନ୍ସିଲଭାନିଆ ସ୍ଥିତ ଘରୁ ସନ୍ଦିଗ୍ଧ ଅବସ୍ଥାରେ ତାଙ୍କର ମୃତଦେହ ମିଳିଛି। କାର୍ବନ ମନୋକ୍ସାଇଡ୍ ଗ୍ୟାସ୍ ଲିକ୍ ହେତୁ ହେଡେନଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ମୃତ୍ୟୁ ବେଳରକୁ ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ପ୍ରକୃତରେ, ବକ୍ସ କାଉଣ୍ଟି ଅଧିକାରୀଙ୍କୁ ଶୁକ୍ରବାର ସକାଳେ ଜଣେ ବ୍ୟକ୍ତି ସୋଲେବରୀ ଟାଉନସିପ୍ ଘରେ ଚେତାଶୂନ୍ୟ ହୋଇପଡିଥିବା ସୂଚନା ମିଳିଥିଲା। ଚେତାଶୂନ୍ୟ ବ୍ୟକ୍ତି ଜଣକ ୭୬ ବର୍ଷୀୟ ୱାଲ୍ଟର ଜେ ବ୍ଲୁକାସ ବୋଲି ଜଣାପଡିଛି। ଚିକିତ୍ସା ପାଇଁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେପଟେ ଖୋଜାଖୋଜି ପରେ ପୁଲିସକୁ ଘରର ଦ୍ୱିତୀୟ ମହଲାରେ ବେଡରୁମରେ ଅଭିନେତ୍ରୀ ହେଡେନଙ୍କ ମୃତଦେହପଡ଼ିଥିବା ଦେଖିବାକୁ ମିଳିଥିଲା।

ପୋଲିସ କହିଛି ଯେ ନ୍ୟୁ ହୋପ୍ ଇଗଲ୍ ସ୍ୱେଚ୍ଛାସେବୀ ଅଗ୍ନିଶମ କମ୍ପାନୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହାପରେ ଘରେ ବହୁ ପରିମାଣର କାର୍ବନ ମନୋକ୍ସାଇଡ୍ ଗ୍ୟାସ୍ ଲିକ୍ ହୋଇଥିବା ଅଗ୍ନିଶମ ବାହିନୀ ଜାଣିବାକୁ ପାଇଥିଲା। କାର୍ବନ ମନୋକ୍ସାଇଡର ସଂସ୍ପର୍ଶରେ ଆସି ଦୁଇ ଡାକ୍ତର ଏବଂ ଜଣେ ପୁଲିସ କର୍ମଚାରୀ ମଧ୍ୟ ଚେତାଶୂନ୍ୟ ହୋଇପଡିଥିଲେ। ବର୍ତ୍ତମାନ ଏହି ମାମଲାର ସୋଲେବରୀ ଟାଉନସିପ୍ ପୁଲିସ ଟିମ୍ ତଦନ୍ତ ଜାରି ରଖିଛି। କେଉଁ କାରଣରୁ ଗ୍ୟାସ ଲିକ ହେଲା କିଭଳି ହେଲା ତାହା ନେଇ ପୁଲିସ ଖୋଳତାଡ଼ ଆରମ୍ଭ କରିଛି। ତେବେ ପୋଲିସର ସୂଚନାନୁସାରେ, ଏକ ଆବର୍ଜନା ଚିମିନି ଏବଂ ନିଷ୍କାସନ ପାଇପ୍ କାରଣରୁ କାର୍ବନ ମନୋକ୍ସାଇଡ୍ ଗ୍ୟାସ୍ ଲିକ୍ ହୋଇଥିଲା ବୋଲି ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ଯାହା ଡେଲ ହେଡେନଙ୍କ ଜୀବନ ନେବା ସହ ୪ ଜଣଙ୍କୁ ଚେତାଶୂନ୍ୟ କରି ଦେଇଥିଲା। ଡେଲ ହେଡେନ ୧୯୭୦ ଏବଂ ୧୯୮୦ ଦଶକର ସବୁଠାରୁ ପ୍ରସିଦ୍ଧ ନାମ ଥିଲା। ଜଣେ ମଡେଲ୍ ଭାବରେ ସେ ଭୋଗ୍, କସମୋପଲିଟାନ୍, ଏଲେ ଏବଂ ଏସ୍କେୟାରର କଭରରେ ଅନେକ ଥର ସ୍ଥାନ ପାଇଛନ୍ତି। ୧୯୯୫ ପର୍ଯ୍ୟନ୍ତ ସେ ଅନେକଗୁଡ଼ିଏ ଚଳଚ୍ଚିତ୍ରରେ ମଧ୍ୟ କାମ କରିଥିଲେ। ଯେଉଁଥିରେ ଜନ୍ କ୍ୟୁସେକ୍ ଅଭିନୀତ ୧୯୯୪ର 'ବୁଲେଟ୍ସ ଓଭର ବ୍ରଡୱେ' ମଧ୍ୟ ସାମିଲ ଅଛି। ହେଡେନ ମଡେଲିଂରେ ନିଜର କ୍ୟାରିଅର୍ ଆରମ୍ଭ କରିଥିଲେ। ହେଲେ ୧୯୭୦ ଦଶକର ମଧ୍ୟଭାଗରେ ଝିଅ ରୟାନକୁ ଜନ୍ମ ଦେବା ପରେ ମେଡେଲିଂ ଛାଡ଼ି ଦେଇଥିଲେ। ଏହା ପରେ, ସେ ପ୍ରାୟ ଦେଢ଼ ଦଶନ୍ଧି ପର୍ଯ୍ୟନ୍ତ ମଡେଲିଂରୁ ଦୂରେଇ ରହିଥିଲେ, କିନ୍ତୁ ୧୯୯୧ ରେ ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କୁ ପୁନର୍ବାର ମଡେଲିଂ ଦୁନିଆକୁ ଫେରିବାକୁ ପଡିଥିଲା।

# ମୁଁ ପ୍ରଭୁ ଶ୍ରୀରାମଙ୍କୁ ପସନ୍ଦ କରେ ନାହିଁ କହି ଫସିଲେ ରାଜାମୌଲି

**ନୂଆଦିଲ୍ଲୀ(ଏଜେନ୍ସି):** ମୁଁ ପ୍ରଭୁ ଶ୍ରୀରାମଙ୍କୁ ପସନ୍ଦ କରେ ନାହିଁ। ଏଭଳି ଲେଖି ବିବାଦରେ ଲୋକପ୍ରିୟ ନିର୍ଦ୍ଦେଶକ। ଭାଇରାଲ ହେଲା ଏସ୍ ଏସ୍ ରାଜାମୌଳିଙ୍କ ପୁରୁଣା କମେଣ୍ଟ। ଭାରତୀୟ ସିନେମାକୁ ବିଶ୍ୱ ସ୍ତରରେ ପହଞ୍ଚାଇଥିବା ନିର୍ଦ୍ଦେଶକ ଏସ୍ଏସ୍ ରାଜାମୌଲି ଏବେ ପୁଣି ବିବାଦୀୟ ହୋଇପଡ଼ିଛନ୍ତି। ପ୍ରଭୁ ଶ୍ରୀରାମଙ୍କୁ ନେଇ ସେ ଲେଖିଥିବା କମେଣ୍ଟ ଏବେ ଭାଇରାଲ ହେବାରେ ଲାଗିଛି। ୨୦୧୧ ସେ ନିଜ ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଇବାକୁ ଯାଇ କିଛି ଏଭଳି ଲେଖିଥିଲେ, ଯାହା ତାଙ୍କୁ ଏବେ ବିବାଦୀୟ କରିଛି। କିଛି ଦିନ ତଳେ ପ୍ରଭୁ ହନୁମାନଙ୍କୁ ନେଇ କହିଥିବା କଥା ତାଙ୍କୁ ବିବାଦରେ ଛନ୍ଦି ଥିଲା। ଏବେ ସେ ପ୍ରଭୁ ଶ୍ରୀରାମଙ୍କୁ ପସନ୍ଦ କରେ ନାହିଁ ବୋଲି ଲେଖିଥିବା ଜାଣି ଲୋକେ ତାଙ୍କୁ ଟ୍ରୋଲ କରିବା ଆରମ୍ଭ କରିଛନ୍ତି।

## ପୁରୁଣା କମେଣ୍ଟ ସାଜୁଛି କଣ୍ଟା

ବାହୁବଳୀ, ଆରଆରଆର ଭଳି ବଡ଼ ବଜେଟ୍ ହିଟ୍ ଫିଲ୍ମ ତିଆରି କରି ଫିଲ୍ମ ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ରାଜମୌଲି। ତାଙ୍କ ନିର୍ଦ୍ଦେଶିତ ଫିଲ୍ମକୁ ଆଜିବି ଲୋକମାନେ ଦେଖିବାକୁ ପସନ୍ଦ କରିଥାଆନ୍ତି। ଏସଏସ ରାଜମୌଲିଙ୍କ ପ୍ରାୟ ଚଳଚିତ୍ର ପୌରାଣିକ କାହାଣୀ ଏବଂ ଇତିହାସ ଉପରେ ଆଧାରିତ ହୋଇଥାଏ। ଏହା ସତ୍ତ୍ୱେ ବି ସେ ଭଗବାନଙ୍କ ଉପରେ ବିଶ୍ୱାସ କରୁନଥିବା ଅନେକ ଥର କହିଛନ୍ତି। ଆଗକୁ ତାଙ୍କର ବଡ଼ ବଜେଟ ଫିଲ୍ମ ବାରାଣସୀ ରିଲିଜ୍ ହେବ। ଏହା ପୂର୍ବରୁ ତାଙ୍କର ପୁରୁଣା ପୋଷ୍ଟ ଚର୍ଚ୍ଚାକୁ ଆସିଛି।



## ଭଗବାନ କୃଷ୍ଣ ମୋତେ ପସନ୍ଦ

ଜଣେ ପ୍ରଶଂସକଙ୍କ ତାଙ୍କୁ ଏକ୍ସରେ ରାମ ନବମୀରେ ଶୁଭେଚ୍ଛା ଜଣାଇଥିଲେ। ଏହି ଶୁଭେଚ୍ଛା ବାର୍ତ୍ତାର ଉତ୍ତର ଦେବାକୁ ଯାଇ ରାଜାମୌଲି ଲେଖିଥିଲେ ଯେ, 'ମୁଁ କେବେ ଭଗବାନ ରାମଙ୍କୁ ପସନ୍ଦ କରି ନାହିଁ। ତାଙ୍କର ସବୁ ଅବତାର ମଧ୍ୟରୁ ଭଗବାନ କୃଷ୍ଣ ଅବତାର ମୋର ପ୍ରିୟ।' ତାଙ୍କର ଏହି ଉତ୍ତର ଏବେ ତାଙ୍କ ପାଇଁ କଣ୍ଟା ସାଜିଛି। ଈଶ୍ୱର ବିଶ୍ୱାସୀ ହୋଇନଥିବାରୁ ଲୋକେ ତାଙ୍କୁ ଟ୍ରୋଲ କରିଛନ୍ତି। ବିବାଦ ମଧ୍ୟରେ ଏପର୍ଯ୍ୟନ୍ତ ରାଜାମୌଲିଙ୍କ ପ୍ରତିକ୍ରିୟା ଆସିନାହିଁ। ପୂର୍ବରୁ ସମାଲୋଚନାର ଶିକାର ହୋଇଥିବା ରାଜାମୌଲି ଚୁପ ରହିବାକୁ ପସନ୍ଦ କରିଥିଲେ। ଏଥର ସେ ପ୍ରତିକ୍ରିୟା ରଖିବେ କି ନାହିଁ ତାହା ଦେଖିବାକୁ ବାକି ରହିଲା।

## ମୁଁ ନାସ୍ତିକ

ଫିଲ୍ମ ବାରାଣସୀର ଟିଜର ରିଲିଜ୍ ଇଭେଣ୍ଟରେ କିଛି ଯାନ୍ତ୍ରିକ ତ୍ରୁଟି ପାଇଁ ଫିଲ୍ମର ଟିଜର ଚାଲିବାରେ ଅସୁବିଧା ହୋଇଥିଲା। ଏହାକୁ ଠିକ୍ କରିବା ପାଇଁ ସମୟ ଲାଗିବାରୁ ବିରକ୍ତ ହୋଇଯାଇଥିଲେ ରାଜାମୌଲି। ଭାବପ୍ରବଣ ହୋଇ ରାଜାମୌଲି ଉପସ୍ଥିତ ୫୦,୦୦୦ ଦର୍ଶକଙ୍କୁ କ୍ଷମା ମାଗିଥିଲେ ଏବଂ କହିଥିଲେ ଯେ, 'ପ୍ରଭୁ ହନୁମାନ ମୋତେ ନିରାଶ କରିଛନ୍ତି। ମୁଁ କୌଣସି ଦେବାଦେବୀଙ୍କ ଉପରେ ବିଶ୍ୱାସ କରେ ନାହିଁ। ଏହା ମୋ ପାଇଁ ଏକ ଭାବପ୍ରବଣ ମୁହୂର୍ତ୍ତ। ମୁଁ ଈଶ୍ୱରଙ୍କ ଉପରେ ବିଶ୍ୱାସ କରେ ନାହିଁ। ଯାନ୍ତ୍ରିକ ତ୍ରୁଟି ଆସିବା ପରେ ମୋ ବାପା ଆସି କହିଲେ ଯେ, ପ୍ରଭୁ ହନୁମାନ ସବୁକିଛି ଠିକ୍ କରିବେ। ହେଲେ ଅନେକ ସମୟ ଧରି ତ୍ରୁଟି ଠିକ୍ ନହେବାରୁ ମୁଁ ବାପାଙ୍କୁ ପାଟି କରି କହିଲି ଯେ, 'ସେ କ'ଣ ମୋତେ ଏପରି ଆଗକୁ ନେବେ ?' ମୋ ସ୍ତ୍ରୀ ହନୁମାନଙ୍କର ଜଣେ ବଡ଼ ଭକ୍ତ। ସେ ଭଗବାନଙ୍କ ସହ ବନ୍ଧୁ ପରି ବ୍ୟବହାର କରନ୍ତି ଏବଂ ତାଙ୍କ ସହିତ କଥା ହୁଅନ୍ତି। ଏହି ଘଟଣା ପରେ ମୁଁ ତାଙ୍କ ଉପରେ ମଧ୍ୟ ମୋର କ୍ରୋଧ ପ୍ରକାଶ କରି କହିଲି, 'ସେ କ'ଣ ଏହିପରି ନିଜ କାମ କରନ୍ତି ?'

## ରୁଜୁ ହୋଇଥିଲା ଏତଲା

ସେ ପ୍ରଭୁ ହନୁମାନଙ୍କୁ ନେଇ ଏଭଳି ବୟାନ ଦେବା ରାଷ୍ଟ୍ରୀୟ ବାନର ସେନାକୁ ପସନ୍ଦ ଆସିନଥିଲା। ତେଣୁ ରାଷ୍ଟ୍ରୀୟ ବାନର ସେନା ସଦସ୍ୟମାନେ ତାଙ୍କର ମନ୍ତବ୍ୟ ପାଇଁ ନିର୍ଦ୍ଦେଶକଙ୍କ ବିରୋଧରେ ପୁଲିସରେ ଅଭିଯୋଗ ଦାଖଲ କରିଥିଲା। ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ହେବା ପରେ ଅନେକ ଲୋକ ତାଙ୍କୁ ଟ୍ରୋଲ କରିବା ଆରମ୍ଭ କରିଥିଲେ।

# ମନଜିଣୁଛନ୍ତି ପ୍ରଭାସ

**ଚେନ୍ନାଇ(ଏଜେନ୍ସି):** କେବଳ ଅଭିନୟ ଦକ୍ଷତା ପାଇଁ ନୁହେଁ, ଉତ୍ତମ ବ୍ୟବହାର ପାଇଁ ବି ସମସ୍ତଙ୍କ ପ୍ରିୟ ତାରକା ବନିଛନ୍ତି ତେଲୁଗୁ ସୁପର୍ଷ୍ଟାର୍ ପ୍ରଭାସ। ନିଜ ସିନେମାର ପ୍ରି-ରିଲିଜ୍ ଇଭେଣ୍ଟ୍ରେ ବରିଷ୍ଠ କଳାକାରଙ୍କ ସିନେମା ବି ବ୍ଲକ୍ବଷ୍ଟର୍ ହେଉ ବୋଲି କହିବାର ବଡ଼ପଣ ପ୍ରଭାସଙ୍କୁ ପ୍ରଶଂସକଙ୍କ ଦୃଷ୍ଟିରେ ବାସ୍ତବ ହିରୋ ସଜାଇଛି। ଆଗକୁ ରିଲିଜ୍ ହେବାକୁ ଯାଉଛି ପ୍ରଭାସଙ୍କ ଅଭିନୀତ ନୂଆ ସିନେମା 'ରାଜାସାବ୍'। ଏହାର ପ୍ରି-ରିଲିଜ୍ କାର୍ଯ୍ୟକ୍ରମରେ ପ୍ରଭାସ ଦର୍ଶକଙ୍କୁ ସମ୍ବୋଧିତ କରିବା ବେଳେ ତାଙ୍କ ଫିଲ୍ମ ସମେତ ମକର ସଂକ୍ରାନ୍ତି ଅବସରରେ ରିଲିଜ୍ ହେବାକୁ ଯାଉଥିବା ୫ଟି ଯାକ ସିନେମା ବ୍ଲକ୍ବଷ୍ଟର୍ ହେଉ ବୋଲି କହି ସମସ୍ତଙ୍କ ମନ ଜିଣିଛନ୍ତି। କେବଳ ସେତିକି ନୁହେଁ, ତାଙ୍କର ଏକ ମନ୍ତବ୍ୟ ପାଇଁ ସେ ଏବେ ସୋସିଆଲ୍ ମିଡିଆରେ ପ୍ରଶଂସା ସାଉଁଟୁଛନ୍ତି। ସେ କହିଥିଲେ, 'ବରିଷ୍ଠମାନେ ସର୍ବଦା ବରିଷ୍ଠ। ଆମେ ସେମାନଙ୍କଠାରୁ ଶିଖୁଛୁ, ସେମାନଙ୍କୁ ଅନୁକରଣ କରୁଛୁ ଓ ଆମେ ସବୁବେଳେ ସେମାନଙ୍କ ପଛରେ ହିଁ ରହିବୁ।' ପ୍ରଭାସଙ୍କ ଏହି ମନ୍ତବ୍ୟ ମେଗାଷ୍ଟାର୍ ଚିରଞ୍ଜୀବୀଙ୍କ ଉଦ୍ଦେଶ୍ୟରେ ଥିଲା ବୋଲି ପ୍ରଶଂସକମାନେ ଅନୁମାନ କରିଛନ୍ତି। କାରଣ ଚିରଞ୍ଜୀବୀଙ୍କ ଅଭିନୀତ 'ମନ ଶଙ୍କରା ବରପ୍ରସାଦ ଗାରୁ' ମକରରେ ରିଲିଜ୍ ହେବାକୁ ଥିବା ୫ଟି ଫିଲ୍ମ ମଧ୍ୟରେ ରହିଛି। ବରିଷ୍ଠ କଳାକାରଙ୍କ ପ୍ରତି ପ୍ରଭାସଙ୍କର ଏଭଳି ସମ୍ମାନ ପ୍ରଶଂସକଙ୍କ ନିକଟରେ ପୁଣି ତାଙ୍କ ଭଲପଣିଆକୁ ପ୍ରମାଣିତ କରିଛି। ପ୍ରଭାସଙ୍କୁ ସେମାନେ ଏବେ କେବଳ ସୁପରଷ୍ଟାର୍ ନୁହେଁ, ହୃଦୟ ଜିଣିବା ପରି ଜଣେ ସୁପରଷ୍ଟାର୍ ବୋଲି କହୁଛନ୍ତି।

# ଏ ସପ୍ତାହର ଭାଗ୍ୟବିଚାର

**ମେଷ:** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

**ବୃଷ:** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ। ରବିବାର: ଲାଭବାନ ହେବେ।

**ମିଥୁନ:** ସୋମବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର: ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ:** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ:** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧାତ୍ମିକ ଦିଗରେ ଲାଗି ରହିବ। ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ। ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ।

**କନ୍ୟା:** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ।

**ତୁଳା:** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ। ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ।

**ବିଛା:** ସୋମବାର: ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ। ରବିବାର: ବ୍ୟବସାୟରେ ଲାଭବାନ ହେବେ।

**ଧନୁ:** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର: ଅଯଥାରେ ସମୟ ଅତିବାହିତ ହେବ।

**ମକର:** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ। ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ।

**କୁମ୍ଭ:** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ।

**ମୀନ:** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ। ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ।

# କିଭଳି କିଡନୀ ରହିବ ସୁସ୍ଥ

କିଡନୀ ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଯାହା ଆମ ରକ୍ତକୁ ଶୁଦ୍ଧ କରିବା ସହ ଶରୀରରୁ ଅପରିଷ୍କାର ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। କିନ୍ତୁ ଦୂଷିତ ଖାଦ୍ୟ ପାନୀୟର ସେବନ କରି ଆମେ ଆମ କିଡନୀକୁ ଖରାପ କରିଥାଉ। ତେବେ ଏହାକୁ କାର୍ଯ୍ୟକ୍ଷମ ଏବଂ ସୁସ୍ଥ ରଖିବା ପାଇଁ କଣ କରିବା ଆସନ୍ତୁ ଜାଣିବା। କିଡନୀକୁ ସୁସ୍ଥ ରଖିବେ କିପରି ?

ଆପଣ ଯଦି ନିଜ କିଡନୀକୁ ସଫା ରଖିବାର ଚାହୁଁଛନ୍ତି ତେବେ ପ୍ରଚୁର ପାଣି ପିଅନ୍ତୁ। ପର୍ଯ୍ୟାପ୍ତ ପାଣି ପିଇବା ଦ୍ୱାରା ଆପଣଙ୍କ ବିଷାକ୍ତ ପଦାର୍ଥ ପରିସ୍ରା ମାଧ୍ୟମରେ ବାହାରି ଯାଇଥାଏ। ଏହା କିଡନୀରେ ପଥର ହେବା ଆଶଙ୍କାକୁ ମଧ୍ୟ ବହୁତ ହ୍ରାସ କରିଥାଏ।

**ଲୁଣ ଏବଂ ଚିନିକୁ ନିୟନ୍ତ୍ରଣ କରନ୍ତୁ**

ଖାଦ୍ୟରେ ଲୁଣ ମିଶାଇ ଖାଇବା ଦ୍ୱାରା ଏହା କିଡନୀ ପାଇଁ ବିପଦ ସୃଷ୍ଟି କରିଥାଏ। ଅତ୍ୟଧିକ ଲୁଣ ରକ୍ତଚାପ ବୃଦ୍ଧି କରେ ଯାହା ସିଧାସଳଖ କିଡନୀର ଶିରାକୁ ପ୍ରଭାବିତ କରେ। ସେହିପରି ଅତ୍ୟଧିକ ଚିନି ସେବନ କରିବା ଦ୍ୱାରା ମଧୁମେହ ହେବାର ଆଶଙ୍କା ଦେଖାଦେଇଥାଏ ଯାହାକୁ କିଡନୀ କ୍ଷତିର ସବୁଠାରୁ ବଡ କାରଣ ବୋଲି ବିବେଚନା କରାଯାଏ। ସରଳ ଏବଂ କମ୍ ମସଲାଯୁକ୍ତ ଖାଦ୍ୟ କିଡନୀ ପାଇଁ ଭଲ ହୋଇଥାଏ।

**ପରାମର୍ଶ ବିନା ଔଷଧ ଖାଆନ୍ତୁ ନାହିଁ**

ଲୋକମାନେ ପ୍ରାୟତଃ ସାମାନ୍ୟ ଯନ୍ତ୍ରଣା ପାଇଁ ନିଜେ ଔଷଧ ଖାଇବା ଆରମ୍ଭ କରିଦିଅନ୍ତି। ଏହି ଅଭ୍ୟାସ କିଡନୀ ପାଇଁ ବହୁତ କ୍ଷତିକାରକ ହୋଇଥାଏ। ଡାକ୍ତରଙ୍କ ପରାମର୍ଶ ବିନା ବାରମ୍ବାର ଔଷଧ ଖାଇବା ଦ୍ୱାରା କିଡନୀ ଧୀରେ ଧୀରେ କାମ କରିବା ବନ୍ଦ କରିଦେଇଥାଏ।

**ସକ୍ରିୟ ଜୀବନଶୈଳୀ ଆପଣାନ୍ତୁ**

ଦିନରେ ଅତି କମରେ ଅଧ ଘଣ୍ଟା ଚାଲିବା କିମ୍ବା ଯୋଗ କରିବା କିଡନୀ ପାଇଁ ବହୁତ ଲାଭଦାୟକ ହୋଇଥାଏ। ଯାହାଦ୍ୱାରା ଶରୀରର ଓଜନ ସନ୍ତୁଳିତ ରହିଥାଏ। ଫଳରେ କିଡନୀକୁ ସେମାନଙ୍କର କାର୍ଯ୍ୟ କରିବା ସହଜ ହୋଇଥାଏ। ଏହା ସହିତ ଆପଣଙ୍କ କିଡନୀକୁ ସର୍ବଦା ଭଲ ରଖିବା ପାଇଁ ଆପଣ ବର୍ଷକୁ ଅତି କମରେ ଥରେ କେଏଫଟି ବା (କିଡନୀ ଫଙ୍କସନ୍ ଟେଷ୍ଟ) କରନ୍ତୁ।

## ମା'ରାଣ ଦେହକୁ ନେବେନି...

କେତେଯେ ଆନନ୍ଦ ଭରି ନୂଆବର୍ଷ
ଆଜିହେଲା ପୁଣି ବାସି...
ବାରଟା ଟିକିଏ ଅବାର ପଡିଲା
ତଥାପି କମିନି ଖୁସି...
ହୁଅନାହିଁ ଭୁଷାଭୁସି...
ମଟନ ନଖାଇ ଭୂଇଁରେ ଗଡ଼ିଲେ
ଭାବ ସେ ଯାଇଛି ରୁଷି..



- ସମ୍ପିତ ସେନାପତି

# ବୋଉର ରୋଷେଇ ଘର

## କ୍ରିମି ଚିକେନ



**ଆବଶ୍ୟକ ସାମଗ୍ରୀ:** ଚିକେନ, ବସାଦହି, ଲଙ୍କାଗୁଣ୍ଡ, ରିଫାଇନ୍ ତେଲ, ପିଆଜ ବଟା, ଅଦା ରସୁଣ ବଟା, ଟମାଟୋ ପ୍ୟୁରି, ଧନିଆ ପାଉଡର, ଜୀରା ପାଉଡ଼ର, ଗରମ ମସଲା, ଲୁଣ, କ୍ଷୀର, କ୍ରିମ୍, ଚାଟ ମସଲା ଓ ଗୋଟା କଞ୍ଚାଲଙ୍କା

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚିକେନରେ ବସାଦହି, ଲଙ୍କାଗୁଣ୍ଡ ଓ ଲୁଣ ପକାଇ ଭଲ ଭାବେ ମ୍ୟାରିନେଟ କରନ୍ତୁ। କରେଇରେ ତେଲ ଗରମ କରି ମ୍ୟାରିନେଟ ଚିକେନକୁ ଭାଜି ରଖନ୍ତୁ। ପୁଣି କରେଇରେ ତେଲ ଗରମ କରି ପିଆଜ ବଟା, ଅଦା ରସୁଣ ବଟା ପକାଇ ଭଲ ଭାବେ କଷନ୍ତୁ।

ମସଲା ଅଳ୍ପ କଷି ହେବା ପରେ ଟମାଟୋ ପ୍ୟୁରି, ଧନିଆ ପାଉଡର, ଜୀରା ପାଉଡ଼ର, ଗରମ ମସଲା, ଲୁଣ ଓ କ୍ଷୀର ପକାଇ ଭଲ ଭାବେ ଗୋଳାନ୍ତୁ। ମସଲା ଭଲ ଭାବେ କଷି ହେବା ପରେ ପାଣି ଓ ଭାଜି ରଖିଥିବା ଚିକେନକୁ ପକାଇ ଗୋଳାଇ ଦିଅନ୍ତୁ। ଏହାପରେ ଚିକେନରେ କ୍ରିମ୍, ଚାଟ ମସାଲା ଓ ଗୋଟା କଞ୍ଚାଲଙ୍କା ପକାଇ ଗୋଳାଇ ଦିଅନ୍ତୁ ଓ ଏହାକୁ ୫ ମିନିଟ୍ ଘୋଡ଼ାଇ ରଖନ୍ତୁ। ଏବେ ପ୍ରସ୍ତୁତ ହୋଇଯିବ ଗରମାଗରମ କ୍ରିମି ଚିକେନ। ଏହାକୁ ଗରମାଗରମ ରୁଟି, ନାନ କିମ୍ବା ଭାତ ସହ ଖାଇପାରିବେ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର। ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା' ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି। ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ।




## ଆଗ ମାରିବୁ, ପରେ କଥା ହେବୁ

# ଆମେରିକାକୁ ଡେନମାର୍କର ଖୋଲା ଧମକ



**ନୂଆଦିଲ୍ଲୀ(ଏଜେନ୍ସି) :** ଯଦି କେହି ଡେନମାର୍କ ଉପରେ ଆକ୍ରମଣ କରିବ କିମ୍ବା ଡେନମାର୍କ ନିୟନ୍ତ୍ରଣରେ ଥିବା ଅଞ୍ଚଳରେ ଅନୁପ୍ରବେଶ କରିବ, ତା'ହେଲେ ଦେଶର ସୈନିକମାନେ ତୁରନ୍ତ ଯୁଦ୍ଧ କ୍ଷେତ୍ରକୁ ଓହ୍ଲାଇବେ। ନିଜ କମାଣ୍ଡରମାନଙ୍କ ନିର୍ଦ୍ଦେଶକୁ ଅପେକ୍ଷା ନ କରି ସେମାନେ ଗୁଳିମାଡ଼ କରିବେ। ଆଗ ଗୁଳି କରିବୁ, ତା'ହେଲେ କଥାବାର୍ତ୍ତା ହେବ। ଆମେରିକାକୁ ଏପରି ଢଙ୍ଗରେ ଧମକ ଦେଇଛି ଡେନମାର୍କର ପ୍ରତିରକ୍ଷା ମନ୍ତ୍ରଣାଳୟ। ଗ୍ରୀନଲାଣ୍ଡକୁ ଦଖଲ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମ୍ଭାବ୍ୟ ସାମରିକ କାର୍ଯ୍ୟାନୁଷ୍ଠାନର ଚିନ୍ତା କରୁଥିବା ବେଳେ ଡେନମାର୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏପରି କୁହାଯାଇଛି। କୋଲ୍ଡ ୱାର ଯୁଗର ୧୯୫୨ ନିର୍ଦ୍ଦେଶରେ ସ୍ପଷ୍ଟ ରୂପରେ କୁହାଯାଇଛି ଯେ ଯଦି କୌଣସି ବିଦେଶୀ ସେନା ଡନିଶ(ଡେନମାର୍କ) ଅଞ୍ଚଳକୁ ଧମକ ଦେବ, ତା'ହେଲେ ସୈନିକମାନେ ନିର୍ଦ୍ଦେଶକୁ ଅପେକ୍ଷା କରିବା ବଦଳରେ ପ୍ରଥମେ ଗୁଳି ମାଡ଼ କରିବେ। ଏହାକୁ ଡେନମାର୍କ କାର୍ଯ୍ୟକାରୀ କରିବାକୁ ଆଦୌ ପଛ ଘୁଞ୍ଚା ଦେବ ନାହିଁ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ଗୋଟିଏ ସ୍ଥାନୀୟ ଗଣମାଧ୍ୟମକୁ ସୂଚନା ଦେଇଛି। ୧୯୪୦ରେ ଏପ୍ରିଲରେ ଜର୍ମାନୀର ନାଜିମାନେ ଡେନମାର୍କ ଉପରେ ଆକ୍ରମଣ କରିଥିଲେ। ଏଥିଯୋଗୁ ଦେଶରେ ଆଂଶିକ ଭାବେ ଯୋଗାଯୋଗ ସେବା ଭୁଶୁଡ଼ି ପଡ଼ିଥିଲା। ଏହି ସମୟରେ ଆଗ ଗୁଳି ମାଡ଼ର ନିର୍ଦ୍ଦେଶ ନିୟମ ଲାଗୁ କରାଯାଇଥିଲା। ସେବେଠାରୁ ଏହା ବଳବତ୍ତର ରହିଛି। ଗ୍ରୀନଲାଣ୍ଡରେ ଥିବା ଡେନମାର୍କର ମିଲିଟାରୀ ପ୍ରାଧିକରଣ ଯୁଗ୍ମ ଆର୍କଟିକ କମାଣ୍ଡ ଆକ୍ରମଣ ହେଲେ, କ'ଣ କରାଯିବ ତା'ର ବିଚାର କରୁଛି। ଏପରି ସ୍ଥିତିରେ ମନ୍ତ୍ରଣାଳୟର ବୟାନ ସାମ୍ନାକୁ ଆସିଛି। ଗ୍ରୀନଲାଣ୍ଡର ଦେଖାଶୁଣା ଡେନମାର୍କ କରୁଛି। କିନ୍ତୁ ନିକଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଅଞ୍ଚଳ ଉପରେ ସମ୍ଭାବ୍ୟ ଆକ୍ରମଣ କରି ନିଜ ଦଖଲକୁ ନେବାକୁ ଚିନ୍ତା କରୁଥିବା ସଙ୍କେତ ଦେଇଥିଲେ। ଦରକାର ପଡ଼ିଲେ ଏହି ସ୍ୱୟଂଶାସିତ ଅଞ୍ଚଳକୁ ବଳପୂର୍ବକ ଆମେରିକା ନିଜ ନିୟନ୍ତ୍ରଣକୁ ନେବ ବୋଲି ସେ କହିଥିଲେ। ୭୯ ବର୍ଷୀୟ ଟ୍ରମ୍ପ ଦାବି କରିଥିଲେ ଯେ ଆମେରିକାର ଜାତୀୟ ସୁରକ୍ଷା ଦୃଷ୍ଟିରୁ ଗ୍ରୀନଲାଣ୍ଡର ନିୟନ୍ତ୍ରଣକୁ ନେବାର ଆବଶ୍ୟକ ରହିଛି। କାରଣ ଏଠାରେ ରୁଷୀୟ ଓ ଚାଇନିଜ ଜାହାଜର ଉପସ୍ଥିତି ଦେଖିବାକୁ ମିଳୁଛି।

ନ୍ୟୁୟର୍କ ଟାଇମ୍ସକୁ ଟ୍ରମ୍ପ ଆହୁରି କହିଥିଲେ ଯେ ତାଙ୍କୁ କେବଳ ଚୁକ୍ତି ଉପରେ ଦସ୍ତଖତ କରିବା ବଦଳରେ ପୂରା ଗ୍ରୀନଲାଣ୍ଡ ଉପରେ ଦଖଲ ଦରକାର। ସେ କହିଥିଲେ, "ମୋର ମତ ହେଲା ମାଲିକାନା ଆପଣଙ୍କୁ ସେହି ଅଧିକାର ଦେଇଥାଏ, ଯାହା ଲିଜ କିମ୍ବା ଚୁକ୍ତିରୁ ମିଳି ନଥାଏ। ଦସ୍ତାବିଜରେ ଦସ୍ତଖତ ଆପଣଙ୍କୁ କେବେ ହେଲେ ସେହି ସବୁ ଜିନିଷ ଓ ଉପାଦନ ଦେଇ ନଥାଏ, ଯାହା ପୂରା ମାଲିକାନ ଦେଇଥାଏ।" ୧୯୫୧ରେ ହୋଇଥିବା ଗୋଟିଏ ଚୁକ୍ତିର ଅଂଶବିଶେଷ ହେଉଛି ଆମେରିକା। ଏହି ଚୁକ୍ତି ଆମେରିକାକୁ ଗ୍ରୀନଲାଣ୍ଡ ଓ ଡେନମାର୍କର ସହମତିରେ ସେଠାରେ ସାମରିକ ଘାଟି ସ୍ଥାପନ କରିବାର ବ୍ୟାପକ ଅଧିକାର ଦେଇଛି। ତଥାପି ଟ୍ରମ୍ପ ପୂରା ଗ୍ରୀନଲାଣ୍ଡର ମାଲିକାନା ଚାହୁଁଛନ୍ତି। ତେବେ ଡେନମାର୍କ ଓ ଗ୍ରୀନଲାଣ୍ଡ ବାରମ୍ବାର ଏହି ଅଞ୍ଚଳ ବିକ୍ରି ପାଇଁ ଉପଲବ୍ଧ ନଥିବା ବାରମ୍ବାର କହିଛନ୍ତି। ଡେନମାର୍କ ପ୍ରଧାନମନ୍ତ୍ରୀ ମେଟ୍ଟେ ଫ୍ରେଡେରିକସେନ ନିକଟରେ ଚେତାବନୀ ଦେଇ କହିଥିଲେ ଯେ ଗ୍ରୀନଲାଣ୍ଡକୁ ଦଖଲ କରିବା ପାଇଁ ଯେକୌଣସି ସାମରିକ ଉଦ୍ୟମ ନାଟୋର ପରିସମାପ୍ତି ହେବ। ଯଦି ଆମେରିକା ଆଉ ଏକ ନାଟୋ ଦେଶ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ, ତା'ହେଲେ ସବୁ କିଛି ଶେଷ ହୋଇଯିବ ବୋଲି ସେ ମତ ରଖିଥିଲେ।

# ସ୍ୱଦେଶୀ ରକେଟ୍ ଲଞ୍ଚର ରେଞ୍ଜ୍ ବଢାଉଛି ଭାରତ

**ନୂଆଦିଲ୍ଲୀ(ଏଜେନ୍ସି) :** ସ୍ୱଦେଶୀ ରକେଟ୍ ଲଞ୍ଚର ରେଞ୍ଜ୍ ବଢାଉଛି ଭାରତ। ଦୂରରୁ ଶତ୍ରୁ ଠିକଣାକୁ କରିବ ଟାର୍ଗେଟ୍। ଲକ୍ଷ୍ୟଭେଦ କରିବାରେ ମାହିର ପିନାକ ରକେଟ୍ ଲଞ୍ଚର୍। ପାକିସ୍ତାନ-ଚୀନ ପାଇଁ ବାଜିଲା ସତର୍କ ଘଣ୍ଟି। ଅପରେସନ ସିନ୍ଦୂର ପରେ ଭାରତ ପ୍ରତରକ୍ଷା ସେକ୍ଟରକୁ ମଜବୁତ କରୁଛି। ଗତ କିଛି ମାସ ମଧ୍ୟରେ ଭାରତୀୟ ସେନା ସ୍ୱଦେଶୀ ଡିଫେନ୍ସ କମ୍ପାନୀଗୁଡ଼ିକ ସହ କୋଟି କୋଟି ଟଙ୍କାର ଡିଲ୍ କରିଛି। ଭାରତ, ଆମେରିକୀୟ ଏବଂ ଋଷୀୟ ସୈନ୍ୟ ଟେକନିକ୍ ଆପଣେଉଛି। ଏବେ ଭାରତୀୟ ସେନା ସ୍ୱଦେଶୀ ପିନାକ



ମଲ୍ଟି ବ୍ୟାରେଲ୍ ରକେଟ୍ ଲଞ୍ଚରକୁ ଅପଗ୍ରେଡ୍ କରିବାକୁ ଯାଉଛି। ଏଥିପାଇଁ ଟାଟା ଏବଂ ଲାର୍ସନ ଆଣ୍ଡ ଟୁବୋ କମ୍ପାନୀକୁ ବଡ଼ ଅର୍ଡର ମିଳିଛି। ଏହି କମ୍ପାନୀ ପୂର୍ବରୁ ପିନାକ ସିଷ୍ଟମ ତିଆରି କରିଛି। ଚୁକ୍ତି ଅନୁଯାୟୀ, ଟାଟା ଏବଂ ଲାର୍ସନ ଆଣ୍ଡ ଟୁବୋ ସେବାର ବେସ୍ ୱାର୍କସପ୍ ସହ ମିଶି କାମ କରିବେ। ପିନାକ ରକେଟ୍ ଲଞ୍ଚରର ଆବଶ୍ୟକୀୟ ଅପଗ୍ରେଡ୍ କରିବେ। ପୁରୁଣା ପାର୍ଟକୁ ବଦଳାଇ ଅତ୍ୟାଧୁନିକ ଯନ୍ତ୍ରାଂଶ ଖଞ୍ଜିବେ। ସ୍ୱଦେଶୀ ପିନାକ ଏବେ ଭାରତୀୟ ସେନାର ପ୍ରମୁଖ ଅସ୍ତ୍ର। ଏହାର ରେଞ୍ଜ୍ ୧୫୦ କିମିରୁ ଉର୍ଦ୍ଧ୍ୱକୁ ବଢାଇବାକୁ ଯୋଜନା କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ୫୧୦ଇଇଡ ସହଯୋଗରେ ରକେଟ୍ ଲଞ୍ଚର ଏବଂ ବ୍ୟାଟେରୀ କମାଣ୍ଡ ପୋଷ୍ଟର ମରାମତି କରାଯିବ। ପିନାକ ଡିଆରଡିଓ ଦ୍ୱାରା ବିକଶିତ ହୋଇଥିଲା। ଏହା ପ୍ରତିରକ୍ଷା କ୍ଷେତ୍ରରେ 'ମେକ୍ ଇନ୍ ଇଣ୍ଡିଆ'ର ଏକ ସଫଳତାର କାହାଣୀ ପାଲଟିଛି। ଗତ ବର୍ଷ, ସରକାର ସବୁଠାରୁ ବଡ଼ ଘରୋଇ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରିଥିଲେ। ଏହି ଚୁକ୍ତି ପିନାକ ରକେଟ୍ ପାଇଁ ଥିଲା। ଯାହାର ମୂଲ୍ୟ ୧୦ ହଜାର କୋଟିରୁ ଅଧିକ ଥିଲା।

# ବଢ଼ିଲା ଲାଲୁଙ୍କ ପରିବାରର ଅଡୁଆ : ଚାର୍ଜଫ୍ରେମ କଲେ କୋର୍ଟ, ଚାଲିବ ଶୁଣାଣି

**ପାଟଣା (ଏଜେନ୍ସି) :** ବହୁ ଚର୍ଚ୍ଚିତ ଚାକିରି ପାଇଁ ଜମି ଦୁର୍ନୀତି ମାମଲାରେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ ଓ ତାଙ୍କ ପରିବାରର ଅଡୁଆ ବଢ଼ିଛି। ଆଜି ଦିଲ୍ଲୀର ଗୋଟିଏ କୋର୍ଟ ଲାଲୁଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ଚାର୍ଜଫ୍ରେମ କରିଛନ୍ତି। ଅର୍ଥାତ ଏବେ କୋର୍ଟରେ ମାମଲା ଚାଲିବା ପାଇଁ ବାଟ ଫିଟିଛି। ଲାଲୁ ପ୍ରସାଦ ଯାଦବ ରେଳମନ୍ତ୍ରୀ ଥିବା ବେଳେ ଜମି ବଦଳରେ ଚାକିରି ଦେଇଥିବା ଅଭିଯୋଗ ହୋଇଛି। ଆଜି କୋର୍ଟଙ୍କ ନିର୍ଦ୍ଦେଶ ପରେ ଏହି ହାଇପ୍ରୋଫାଇଲ ମାମଲାର ଟ୍ରାଏଲ ପାଇଁ ବାଟ ଫିଟିଛି। ୨୦୦୪ରୁ ୨୦୦୯ ଯାଏ ଦେଶରେ ୟୁପିଏ ସରକାରର ଶାସନ ଚାଲିଥିଲା। ଏହି ସମୟରେ ଲାଲୁ ପ୍ରସାଦ ଯାଦବ(ଖବକ୍ଷଙ୍କ ଚକ୍ସବସ୍ୱବୟ ଣବୟବଙ୍ଖ) ଦେଶର ରେଳମନ୍ତ୍ରୀ ରହିଥିଲେ। ରେଳମନ୍ତ୍ରୀ ଥିବା ବେଳେ ସେ ଜମି ବଦଳରେ ଚାକିରି ଦେଇଥିବା ଅଭିଯୋଗ ହୋଇଛି। ଦିଲ୍ଲୀ କୋର୍ଟର ସ୍ୱତନ୍ତ୍ର ବିଚାରପତି ବିଶାଲ ଗୋଗନେ



କହିଛନ୍ତି ଯେ ଦୁର୍ନୀତି, ଠକେଇ ଓ ଅପରାଧିକ ଷଡ଼ଯନ୍ତ୍ରର ସ୍ପଷ୍ଟ ମାମଲା ସାମ୍ନାକୁ ଆସିଛି। ଲାଲୁ ପ୍ରସାଦ ଯାଦବ, ତାଙ୍କ ପତ୍ନୀ ରାବ୍ରୀ ଦେବୀ, ପୁଅ ତେଜସ୍ୱୀ ଯାଦବ, ତେଜ ପ୍ରତାପ ଯାଦବ, ଝିଅ ମିସା ଭାରତର, ହେମା ଯାଦବ ଓ ଅନ୍ୟମାନଙ୍କ ବିରୋଧରେ ମାମଲା ଚାଲିବ। ଅଭିଯୁକ୍ତଙ୍କ ବିରୋଧରେ ଦୁର୍ନୀତି ନିରୋଧ ଆଇନ ଅନୁସାରେ ଚାର୍ଜଫ୍ରେମ କରାଯାଉଛି। ବିଚାରପତିଙ୍କ କହିବା କଥା ଯେ ଲାଲୁ ଯାଦବ ଓ ତାଙ୍କ ପରିବାରର ସଦସ୍ୟମାନେ ଗୋଟିଏ ଅପରାଧ ଏଣ୍ଟରପ୍ରାଇଜେସ ଭାବେ କାର୍ଯ୍ୟ କରୁଥିଲେ। ସେମାନେ ଗୋଟିଏ ବିରାଟ ଷଡ଼ଯନ୍ତ୍ରର ଅଂଶବିଶେଷ ଥିଲେ। ସେମାନେ ଭାରତୀୟ ରେଳବାଇରେ ନିଯୁକ୍ତି ଆଶାୟୀଙ୍କୁ ନିଜ ଜାଲରେ ଫସାଇ ନିଜର ସମ୍ପତ୍ତି ବୃଦ୍ଧି କରିଥିଲେ। ଲାଲୁ ପ୍ରସାଦ ଯାଦବଙ୍କ ସହଯୋଗୀମାନେ ମଧ୍ୟ ଭାରତର ବିଭିନ୍ନ ସ୍ଥାନରେ ଜମି ବଦଳରେ ରେଳବାଇ ଚାକିରି ଦେବାରେ ସମସ୍ତ ପ୍ରକାରର ସହାୟତା କରିଥିଲେ ବୋଲି ସିବିଆଇ ଚାର୍ଜଶିଟରୁ ସ୍ପଷ୍ଟ ହୋଇଥିବା କୋର୍ଟ କହିଛନ୍ତି। ମାମଲାରୁ ମୁକ୍ତି ଦେବା ପାଇଁ ଲାଲୁ ଓ ତାଙ୍କ ପରିବାର କରିଥିବା ଆବେଦନକୁ କୋର୍ଟ ଖାରଜ କରି ଦେଇଛନ୍ତି। କୋର୍ଟଙ୍କ ଅନୁସାରେ, ୯୮ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଏହି ମାମଲାରେ ୪୬ ଜଣଙ୍କ ବିରୋଧରେ ଚାର୍ଜଫ୍ରେମ କରାଯାଉଛି। ଏମାନଙ୍କ ମଧ୍ୟରେ ଲାଲୁ ଯାଦବ ଓ ତାଙ୍କ ପରିବାର ସଦସ୍ୟ ମଧ୍ୟ ରହିଛନ୍ତି। ତେବେ ବାକି ୫୨ ଜଣ ଅଭିଯୁକ୍ତଙ୍କୁ କୋର୍ଟ ମାମଲାରୁ ମୁକ୍ତ କରିଛନ୍ତି। ଏବେ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜାନୁଆରୀ ୨୯ରେ ହେବ। ସିବିଆଇ ଅଭିଯୋଗ କରିଛି ଯେ ଲାଲୁ ପ୍ରସାଦ ଯାଦବଙ୍କ ପରିବାର ଲୋକ ଓ ପରିବାର ସହ ଜଡ଼ିତ ଥିବା କମ୍ପାନୀ ମାର୍କେଟ ମୂଲ୍ୟ ତୁଳନାରେ ଅତି କମ ଦାମରେ ଜମି ହାତେଇଥିଲେ। ଅଧିକାଂଶ ଜମି କାରବାର ନଗଦ ଟଙ୍କାରେ ହୋଇଥିଲା। ଏହା ବଦଳରେ ରେଳ ବାଇର ବିଭିନ୍ନ ଜୋନରେ ଲୋକଙ୍କୁ ରେଳବାଇ ଚାକିରି ଯୋଗାଇ ଦିଆଯାଇଥିଲା। ସିବିଆଇ ବ୍ୟତୀତ ଏହି ମାମଲାରେ ଇଡି ମଧ୍ୟ ମନି ଲଣ୍ଡରିଂ ମାମଲା ରୁଜୁ କରି ତଦନ୍ତ କରୁଛି।

# କୋଭିଡ୍ ଟିକା ତଥ୍ୟ ନେଇ ଡିପିଆଇଆଇଟିକୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

**ନୂଆଦିଲ୍ଲୀ (ଏଜେନ୍ସି):** ମହାମାରୀ ସମୟରେ କୋଭିଡ୍ ଟିକା ତଥ୍ୟର ସୂଚନା ଉପଲବ୍ଧ ନଥିବା କହିଥିବା ନେଇ କେନ୍ଦ୍ର ସୂଚନା ଆୟୋଗ ଡିପିଆଇଆଇଟିକୁ ଏକ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମହାବୀର ସିଂହ ଶର୍ମାଙ୍କ ଦ୍ୱାରା ଦାୟର ଏକ ସୂଚନା ଅଧିକାର(ଆରଟିଆଇ)ର ଶୁଣାଣି ସମୟରେ ଏହି ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ମହାବୀର ୨୦୨୦ ଓ ୨୦୨୧ ରେ କୋଭିଡ୍ ୧୯ ଟିକାର ଉତ୍ପାଦନ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ସିରମ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଓ ଭାରତ ବାୟୋଟେକକୁ ଜାରି କରାଯାଇଥିବା ହଜାର ହଜାର କୋଟି ଟଙ୍କାର ବିବରଣୀ ମାଗିଥିଲେ। ଆରଟିଆଇ ଆବେଦନର ଜବାବରେ ମଗାଯାଇଥିବା ସୂଚନା ତା ପାଖରେ ନଥିବା ଡିପିଆଇଆଇଟି କହିଥିଲା। ସୂଚନା ଆୟୁକ୍ତ ଖୁସବନ୍ତ ସିଂହ ସେଠୀ କହିଛନ୍ତି ଯେ, ଲଜିଷ୍ଟିକ୍ସ ବିଭାଗ ଆବେଦନକାରୀଙ୍କୁ ସୂଚନା ଉପଲବ୍ଧ ନଥିବା ସ୍ପଷ୍ଟ ରୂପେ ସୂଚିତ କରିଥିଲେ। ତେବେ ଆୟୋଗ ସତ୍ୟପାଠ ମାଧ୍ୟମରେ ଏ ନେଇ ସୂଚନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସିଆଇସି କହିଛନ୍ତି ଯେ, ୨୦୨୩ର ଆରଟିଆଇ ଆବେଦନରେ ମଗାଯାଇଥିବା ସୂଚନା ଉପଲବ୍ଧ ନଥିବା କହିଥିବା ଡିପିଆଇଆଇଟିକୁ ଆୟୋଗରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଉଛି। ୧୫ ଦିନ ମଧ୍ୟରେ ଡାକ ଦ୍ୱାରା ଏବଂ ସିଆଇସିର ପୋର୍ଟାଲରେ ସତ୍ୟପାଠ ଅପଲୋଡ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାର ଏକ ନକଲି ଆବେଦନକାରୀ ମହାବୀର ଶର୍ମାଙ୍କୁ ମଧ୍ୟ ପଠାଇବାକୁ କୁହାଯାଇଛି।

## ଆଇନ ଅଦାଲତ

# ରାଜ୍ୟର ୩ଟି କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଧମକ

କଟକ(ଏନ୍.ଏମ୍.) : ରାଜ୍ୟର ୩ଟି କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଗୁରୁବାର ଧମକ ମିଳିଥିଲା। କଟକ, ସମ୍ବଲପୁର ଓ ଦେବଗଡ଼ ଜିଲ୍ଲା କୋର୍ଟକୁ ଉଡ଼ାଇ ଦେବା ପାଇଁ ଇମେଲ ମାଧ୍ୟମରେ ଆସିଥିଲା ଧମକ। ଏଥିପାଇଁ ବେଶ୍ କେଇ ଘଣ୍ଟା ଧରି ଏହି ସବୁ କୋର୍ଟଗୁଡ଼ିକ ଅଚଳ ହୋଇଯାଇଥିଲା। ତେବେ ଯାଞ୍ଚ ପରେ ଓ ଉକ୍ତ ଇମେଲ ମିଛ ବୋଲି ସ୍ପଷ୍ଟ ହେବା ପରେ ଅପରାହ୍ଣରେ କୋର୍ଟ କାର୍ଯ୍ୟ ପୁଣି ସ୍ୱାଭାବିକ ହୋଇଥିଲା। ବୋମା ଧମକ ଯୋଗୁ ଏହି ତିନିଟି କୋର୍ଟ ସହିତ ହାଇକୋର୍ଟର କାର୍ଯ୍ୟ ମଧ୍ୟ କେଇ ଘଣ୍ଟା ପାଇଁ ବାଧାପ୍ରାପ୍ତ ହୋଇଥିଲା। ସୁରକ୍ଷା ଦୃଷ୍ଟିକୋଣରୁ ହାଇକୋର୍ଟ ବିଲ୍ଡିଂକୁ ଖାଲି କରି ଦିଆଯାଇଥିଲା। ସଂପୂର୍ଣ୍ଣ ଯାଞ୍ଚ ପରେ ପୁଣି ଥରେ ହାଇକୋର୍ଟର କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ମୁଖ୍ୟ ବିଚାରପତି ଓ ଆଉ ୩ ଜଣ ବିଚାରପତି ଶୁଣାଣି କରିଥିଲେ।

ବୋମା ଧମକ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ କୋର୍ଟକୁ ଆସିଥିବା ମେଲ୍ ମିଥ୍ୟା। ଏହା ହୋକ୍ସ ମେଲ୍ ବୋଲି ଜଣାପଡ଼ିଛି। ଏହାକୁ ନେଇ ଆତଙ୍କିତ ହେବାର କାରଣ ନାହିଁ। ମୁଖ୍ୟମନ୍ତ୍ରୀ ତଦନ୍ତ ନିର୍ଦ୍ଦେଶ ଦେଇ ସାରିଛନ୍ତି। ଯିଏ ଏହି କାମ କରିଛନ୍ତି, ତାଙ୍କୁ ଚିହ୍ନଟ କରାଯିବ। ଯାଞ୍ଚ ପରେ କୋର୍ଟଗୁଡ଼ିକରେ କାର୍ଯ୍ୟ ସ୍ୱାଭାବିକ ହୋଇଛି।

ରାଜ୍ୟର ତିନିଟି ଜିଲ୍ଲା କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଧମକ ଆସିବା ପରେ ସେସବୁ ସ୍ଥାନରେ ପୁଲିସ ସହିତ ଆଣ୍ଟି ବମ୍ ସ୍କ୍ୱାଡ୍କୁ ମୁତୟନ କରାଯାଇଥିଲା। ମେଟାଲ ଡିଟେକ୍ଟର ଓ ସନ୍ଧାନୀ କୁକୁରର ମଧ୍ୟ ସାହାଯ୍ୟ ନିଆଯାଇଥିଲା। କୋର୍ଟଗୁଡ଼ିକୁ ପୂରା ଖାଲି କରି ଯାଞ୍ଚ କରାଯାଇଥିଲା। କୌଣସି ପ୍ରକାର ବିପଦ ନାହିଁ ବୋଲି ପୁଲିସ ସ୍ପଷ୍ଟ କରିବା ପରେ କୋର୍ଟଗୁଡ଼ିକର କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

କୋର୍ଟଗୁଡ଼ିକୁ ବୋମା ଧମକ ମିଳିବା ପରେ ଗୃହ ବିଭାଗ ତତ୍ପରତା ଦେଖାଇଥିଲା। ଆବଶ୍ୟକ ପଦକ୍ଷେପ ନେବା ପାଇଁ ଓ ବରିଷ୍ଠ ପୁଲିସ ଅଧିକାରୀମାନଙ୍କୁ କୋର୍ଟକୁ ପଠାଇବାକୁ ଡିଜିପିଙ୍କୁ ନିର୍ଦ୍ଦେଶ



ଦେଇଥିଲେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଏହାକୁ ଗୁରୁତ୍ୱର ସହିତ ନେଇ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଓ ଡିଜିପିଙ୍କ ସହିତ ଆଲୋଚନା କରିଥିଲେ। ସ୍ଥିତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ସହିତ ସଂପୃକ୍ତ ଅପରାଧୀକୁ ଖୋଜି ବାହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ଆଜି ସନ୍ଧ୍ୟାରେ ଏକ ଉଚ୍ଚସ୍ତରୀୟ ବୈଠକ ମଧ୍ୟ ଡାକିଛନ୍ତି।

ଏଭଳି ଧମକ କେବଳ ଓଡ଼ିଶାର ୩ଟି କୋର୍ଟକୁ ଆସି ନଥିଲା। ଅନ୍ୟ ରାଜ୍ୟର କୋର୍ଟଗୁଡ଼ିକୁ ମଧ୍ୟ ଏହି ଧମକ ଆସିଥିଲା। ବିହାରର ପାଟନା ସିଭିଲ କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଧମକ ଆସିଥିଲା। ତା'ପୂର୍ବରୁ ଉତ୍ତରପ୍ରଦେଶ ଓ କର୍ଣ୍ଣାଟକାର କିଛି କୋର୍ଟ ଓ ତା'ପୂର୍ବରୁ ଗୁଜରାଟରେ କୋର୍ଟକୁ ଉଡ଼ାଇ ଦେବାକୁ ଧମକ ଆସିଥିଲା।

ଇମେଲ୍ କ'ଣ ଲେଖାହୋଇଥିଲା

ଯେଉଁ ଧମକପୂର୍ଣ୍ଣ ଇମେଲଟି ଆସିଛି, ସେଥିରେ ଲେଖା ହୋଇଛି ଯେ ତାମିଲନାଡୁରେ ନିବେତା ପେତୁରାଜ ଓ ଅନ୍ୟ ଡିଏମକ୍କ ଲୋକଙ୍କ ଘରେ କପଡ଼ା ଏବଂ ଅସନା ବାସନ ସଫା କରିବାକୁ କନଷ୍ଟେବଲମାନଙ୍କୁ ବାଧ କରାଯାଉଛି। ଫଳସ୍ୱରୂପ ସେମାନଙ୍କ ମଧ୍ୟରୁ ଅନେକୁ ଦୁଷ୍କର୍ମ କରାଯାଉଛି ଓ ହତ୍ୟା କରାଯାଉଛି। ସେଥିପାଇଁ ଏଲ୍ଟିଟିଇର ପୂର୍ବତନ ସଦସ୍ୟମାନେ ଆଜାଦ କଶ୍ମୀର ପାକ୍ ଆଇଏସ୍ଆଇର ସଦସ୍ୟମାନଙ୍କ ସହିତ ମିଶି ଏଭଳି ବ୍ୟବସ୍ଥାକୁ ବିରୋଧ କରି ଆପଣଙ୍କ କୋର୍ଟକୁ ଟାର୍ଗେଟ କରିଛୁ ଓ ତାମିଲନାଡୁରେ କନଷ୍ଟେବଲମାନଙ୍କ ପାଇଁ ୧୯୭୯ ନୈନାର ଦାସ ପୁଲିସ୍ ୟୁନିୟନର ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ଦାବି କରୁଛୁ।

ଏଥିରେ ଆହୁରି ଲେଖା ହୋଇଛି ଯେ କୋର୍ଟରୁମ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଆରଡିଏକ୍ସ ରଖାଯାଇଛି। ମଧ୍ୟାହ୍ନ ଭୋଜନ ବିରତି ବେଳେ ଏଲ୍ଟିଟିଇର ଜଣେ କିମ୍ବା ଦୁଇ ଜଣ ସଦସ୍ୟ କୋର୍ଟକୁ ଯିବେ। ସେମାନେ ରିମୋଟ କଣ୍ଟ୍ରୋଲ ଧରି କୋର୍ଟ ପରିସରରେ ୧୦୦ ଫୁଟ୍ ଭିତରକୁ ଯିବା ପରେ ଆଇଇଡି ବିସ୍ଫୋରକଗୁଡ଼ିକୁ ବିସ୍ଫୋରଣ କରାଯିବ। ଯଦି କୌଣସି କାରଣରୁ ବିସ୍ଫୋରଣ ନଘଟେ, ତା'ହେଲେ ଉକ୍ତ ସଦସ୍ୟମାନେ ନିଜେ କୋଠା ଭିତରେ ପଶି ବିସ୍ଫୋରଣ ଘଟାଇବେ। ତେଣୁ ଦୟାକରି ବିସ୍ଫୋରଣ ପୂର୍ବରୁ କୋର୍ଟ ବାହାରକୁ ଚାଲିଯାଆନ୍ତୁ।

ଏଥିରେ ଆହୁରି ଲେଖାଯାଇଛି ଯେ ଯଦି ଆକାଶ ଭାସ୍କରନଙ୍କୁ ଧରାଯାଇଛି, ତା'ହେଲେ ନିବେତା ପେତୁରାଜଙ୍କୁ ମଧ୍ୟ ଧରାଯିବ।

ଚିଠି ତଳେ ଅରୁଣ କୁମାର ଲେଖାଯାଇଛି। ସେହି ନାଁ ତଳେ ଏଲ୍ଟିଟିଇ ବୋଲି ଲେଖାଯାଇଛି।

ଇମେଲରେ ଯେଉଁମାନଙ୍କ ନାଁ ଅଛି, ସେମାନେ କିଏ

ମନରେ ଉତ୍କଣ୍ଠା ଜାଗ୍ରତ କରୁଛି, ଏହି ଧମକପୂର୍ଣ୍ଣ ଇମେଲରେ ଥିବା ତିନୋଟି ନାଁ। ସେହି ନାଁ ଗୁଡ଼ିକ ହେଲା- ନୈନାର ଦାସ, ନିବେତା ପେତୁରାଜ ଓ ଆକାଶ ଭାସ୍କରନ। ପ୍ରଶ୍ନ ଉଠୁଛି, କିଏ ଏହି ତିନି ଜଣ। ଆସନ୍ତୁ ଜାଣିବା ସେମାନଙ୍କ ସଂପର୍କରେ।

ଚିଠିରେ ଅଛି ନିବେତା ପେତୁରାଜଙ୍କ ନାଁ। ଇମେଲରେ ଲେଖାଅଛି, ତାମିଲନାଡୁରେ କନଷ୍ଟେବଲମାନଙ୍କୁ ନିବେତା ପେତୁରାଜଙ୍କ ପୋଷାକ ଏବଂ ଅସନା ବାସନ ସଫା କରିବା ପାଇଁ ବାଧ କରାଯାଉଛି। ନିବେତା ପେତୁରାଜ ହେଉଛନ୍ତି ତେଲୁଗୁ ଓ ତାମିଲ ଫିଲ୍ମର ଜଣେ ଅଭିନେତ୍ରୀ। ତାଙ୍କ ଜନ୍ମ ତାମିଲନାଡୁର ମଦୁରାଇରେ। ୨୦୨୫ ମସିହାରେ ସେ ମିସ୍ ଇଣ୍ଡିଆ ୟୁଏଇ କ୍ରାଉନ ପିନ୍ଧିଥିଲେ। ସୋଶାଲ ମିଡିଆରେ ତାଙ୍କର ରାଜହିତ୍ ଇବ୍ରାନଙ୍କ ସହ ସଂପର୍କ ଥିବା ନେଇ ଅନେକ ତଥ୍ୟ ମିଳୁଥିବା ବେଳେ ସେ ତାମିଲନାଡୁ ପୁଲସକୁ ବ୍ୟବହାର କରୁଥିବା ନେଇ କୌଣସି ତଥ୍ୟ ନାହିଁ। ତଥାପି ତାଙ୍କ ନାଁ କାହିଁ ଏହି ଧମକପୂର୍ଣ୍ଣ ଇମେଲରେ ଉଲ୍ଲେଖ ରହିଛି, ତାହା ପୁଲିସ୍ ତଦନ୍ତ ପରେ ଜଣାପଡ଼ିବ।

ଆଉ ଏକ ନାଁ ହେଉଛି ଆକାଶ ଭାସ୍କରନ। ସେ ହେଉଛନ୍ତି ତାମଲ ସିନେମାର ଜଣେ ପ୍ରଯୋଜକ। ସେ ଡନ୍ ପିକ୍ଚରର ମାଲିକ, ଯାହାଙ୍କୁ ବର୍ତ୍ତମାନ ଇଡି ଧରିଛି। ଆକାଶ ଅନେକ ହାଇବଜେଟ୍ ଫିଲ୍ମ ନିର୍ମାଣ କରିଛନ୍ତି। ତାଙ୍କ ଫିଲ୍ମ ନିର୍ମାଣରେ ୪୦୦ ରୁ ୫୫୦ କୋଟି ଟଙ୍କା ଖର୍ଚ୍ଚ ହୁଏ। ତାଙ୍କ ଫିଲ୍ମ ମଧ୍ୟରେ ରହିଛି ଇଡଲି କଡ଼ାଇ, ଯେଉଁଥିରେ ଧନୁଶ ଅଭିନୟ କରିଛନ୍ତି। ଶବା କାର୍ତ୍ତେକେୟନଙ୍କ ଫିଲ୍ମ ପରାଶକ୍ତି, ଶଲାମ୍ବାରାସନ୍ ଫିଲ୍ମର ମଧ୍ୟ ପ୍ରଯୋଜକ ସେ। ଚିଠିରେ ଉଲ୍ଲେଖ ଅଛି ଯେ, ଯଦି ତାଙ୍କୁ ଧରା ହୋଇଛି, ତେବେ ନିବେତା ପେତୁରାଜଙ୍କୁ ମଧ୍ୟ ଧରାଯିବ। ତେବେ ଆକାଶ ଭାସ୍କରନଙ୍କ ନାଁ କାହିଁକି ଉଲ୍ଲେଖ କରାଯାଇଛି, ତାଙ୍କ ସହ ଇମେଲ ପଠାଇଥିବା ଅରୁଣ କୁମାରଙ୍କର କି ସଂପର୍କ ଅଛି, ତାହା ପୁଲିସ୍ ତଦନ୍ତ ପରେ ହୁଏତ ଜଣାପଡ଼ିବ।

ସେହିପରି ଇମେଲରେ ଥିବା ଆଉ ଜଣେ ଚରିତ୍ର ହେଲେ ନୈନାର ଦାସ। ସେଥିରେ ଲେଖାଯାଇଛି, ତାମିଲନାଡୁରେ କନଷ୍ଟେବଲମାନଙ୍କ ପାଇଁ ୧୯୭୯ ନୈନାର ଦାସ ପୋଲିସ ୟୁନିୟନ ସୁପାରିଶକୁ କାର୍ଯ୍ୟକାରୀ କରାଯାଉ। ତେବେ କିଏ ଏହି ନୈନାର। ନୈନାର ଥିଲେ ତାମିଲନାଡୁ ପୁଲିସର ଜଣେ ସବଇନ୍ସପେକ୍ଟର। ସେ ପୁଲିସ ଇନସପେକ୍ଟର ଏବଂ ସବ୍-ଇନସ୍ପେକ୍ଟର ସଂଘର ସଭାପତି ଥିଲେ। ଏମଜିଆର ଯେତେବେଳେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଥିଲେ, ସେତେବେଳେ ସେଠାରେ ଏକ ବଡ଼ ପୁଲିସ୍ ଆନ୍ଦୋଳନ ହୋଇଥିଲା। ଏଥିରେ ୩୦୦୦ ପୁଲିସ କର୍ମଚାରୀଙ୍କୁ ଗିରଫ କରାଯିବା ସହ ଶତାଧିକ ପୁଲିସ୍ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ଆନ୍ଦୋଳନକୁ ଭାଙ୍ଗିବା ପାଇଁ ସେତେବେଳେ ଏମଜିଆର କେନ୍ଦ୍ରର ସୁରକ୍ଷା ବଳ ଏବଂ ବିଭିନ୍ନ ରାଜ୍ୟର ପୁଲିସର ସହାୟତା ଲୋଡ଼ିଥିଲେ।

ରାଜ୍ୟର ବିଭିନ୍ନ କୋର୍ଟକୁ ଆସିଥିବା ଏଭଳି ଧମକପୂର୍ଣ୍ଣ ଚିଠର ତଦନ୍ତ କରୁଛି ଓଡ଼ିଶା ପୁଲିସ୍। ତେବେ ଚିଠିରେ ଥିବା ଚରିତ୍ରମାନଙ୍କର କାହା ସହ କାହର ତାଳମେଳ ନଥିବା ଭଳି ଲାଗୁଛି। ଏପରିକି ନିବେତା ପେତୁରାଜ ଓ ଆକାଶ ଭାସ୍କରନ୍ ତାମିଲ୍ ଅଭିନେତ୍ରୀ ଓ ପ୍ରଯୋଜକ କି ନୁହେଁ, ତାହା ପୁଲିସ୍ ସ୍ପଷ୍ଟ କରିନାହିଁ। ପୁଲିସ୍ ତଦନ୍ତ ପରେ ଏହା ହୁଏତ ସ୍ପଷ୍ଟ ହେବ।





ନିଷ୍କର୍ଷ
NISHKARSHA




## ଶିକ୍ଷିତ ଲୋକେ ସମାଜବିରୋଧୀ କାର୍ଯ୍ୟରେ ସାମିଲ ହେବା ବିପଜ୍ଜନକ

ଶିକ୍ଷିତ ଲୋକେ ବହୁସଂଖ୍ୟାରେ ସମାଜବିରୋଧୀ କାର୍ଯ୍ୟରେ ସାମିଲ ହେବା ଏକ ବିପଜ୍ଜନକ ଧାରା ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ନିକଟରେ ବିବୃତି ଦେବା ଅନେକଙ୍କୁ ବ୍ୟଥିତ କରିବା କଥା। ରାଜସ୍ଥାନର ଉଦୟପୁରସ୍ଥିତ ଭୁପାଲ ନୋବେଲ ୟୁନିଭର୍ସିଟିର ୧୦୪ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ସେ ଶିକ୍ଷିତଙ୍କ ପାଇଁ ଦେଶରେ ହ୍ୱାଇଟ କଲାର ଆତଙ୍କବାଦ ମୁଣ୍ଡ ଟେକିଛି ବୋଲି କହିବା ବେଳେ ୨୦୨୫ ନଭେମ୍ବର ୧୦ରେ ଦିଲ୍ଲୀର ଲାଲକିଲ୍ଲାରେ କାର୍ ବୋମା ବିସ୍ଫୋରଣରେ ଡାକ୍ତରଙ୍କ ସମ୍ପୃକ୍ତି ଥିବା ବିଷୟକୁ ସମ୍ଭବତଃ ଇଙ୍ଗିତ କରିଛନ୍ତି। ଆତଙ୍କବାଦ ସହିତ ଡାକ୍ତର ଜଡ଼ିତ ହେବା ନିଶ୍ଚିତ ନିନ୍ଦନୀୟ। କିନ୍ତୁ ତାହାକୁ ନେଇ ସମଗ୍ର ଶିକ୍ଷିତ ସମାଜକୁ ଗୋଟିଏ ଚଷମାରେ ଦେଖାଯିବା ଉଚିତ ନୁହେଁ। ପୂର୍ବରୁ ଆଜିକାର ଶାସକ ଦଳ ଶିକ୍ଷିତ ସହରବାସିନ୍ଦାଙ୍କୁ 'ଅର୍ବାନ ନକ୍ସଲ' ଆଖ୍ୟା ଦେଇ ସମାଲୋଚନା କରିଆସୁଥିଲେ। ସମ୍ଭବତଃ ବିଭିନ୍ନ କ୍ଷେତ୍ରରେ ଆଜିର ସରକାରଙ୍କ ନୀତି ବିଫଳ ହେବା ଯୋଗୁ ସେହି ଦୁଇ ଶବ୍ଦକୁ ଏବେ ବ୍ୟବହାର କରିବା ପରିବର୍ତ୍ତେ ସମଗ୍ର ଶିକ୍ଷିତ ସମାଜ ଉପରେ ଆକ୍ରମଣ ଆରମ୍ଭ କରାଯାଉଛି। ସମସ୍ତଙ୍କ ମନେଅଛି ଯେ, ପୂର୍ବରୁ ଯେତେବେଳେ କୌଣସି ଆକ୍ରମଣ ହେଉଥିଲା ସେତେବେଳେ ମୁସଲମାନ ସମ୍ପ୍ରଦାୟକୁ ଦୋଷ ଦେବା ସହିତ ପାକିସ୍ତାନର ମସୁଧାରେ ହୋଇଛି ବୋଲି କୁହାଯାଉଥିଲା। 'ଅପରେଶନ ସିନ୍ଦୂର' ଏବେ ବି ଚାଲୁରହିଛି ବୋଲି ରାଜନାଥ ସିଂ ଏବଂ ଅନ୍ୟ ବରିଷ୍ଠ ନେତାମାନେ ବାରମ୍ବାର ଦାବି କରିଆସୁଥିବା ବେଳେ ଗତବର୍ଷ ନଭେମ୍ବର ୧୦ରେ ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ବିସ୍ଫୋରଣ ଘଟିଗଲା। ସେହି ବିସ୍ଫୋରଣ ଯେଉଁ ବିଫଳତା ଦର୍ଶାଇଲା ତାହା ଆଭ୍ୟନ୍ତରୀଣ ସୁରକ୍ଷା ଦାୟିତ୍ୱରେ ଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଦୁହିଁଙ୍କୁ ଇଙ୍ଗିତ କରୁଛି। ଏହି ବିସ୍ଫୋରଣ ପରେ ପାକିସ୍ତାନର ନାଁ ନେବାକୁ ଦିଲ୍ଲୀ ପୋଲିସ କିମ୍ବା ଭାରତୀୟ ଗୋଇନ୍ଦା ସଂସ୍ଥାର ସାହସ ପାଇଲା ନାହିଁ। ଏଭଳି ପ୍ରଚ୍ଛଦପଟରେ ଦେଖିବାକୁ ଗଲେ ପ୍ରତିରକ୍ଷା ମନ୍ତ୍ରୀଙ୍କ କହିବା ଅନୁଯାୟୀ ଶିକ୍ଷିତଙ୍କ ଅର୍ଥ ସ୍କୁଲ କିମ୍ବା କଲେଜରେ ପାଠ ପଢ଼ିଥିବା ଭାରତୀୟଙ୍କ ପରିବର୍ତ୍ତେ 'ଶିକ୍ଷିତ ସମାଜ'ର ଅର୍ଥ ହେଉଛି ଯେଉଁମାନେ ସରକାରଙ୍କ ବିଫଳତା ବୁଝି ବ୍ୟବସ୍ଥାକୁ ପ୍ରଶ୍ନ କରୁଛନ୍ତି। ଗଣତନ୍ତ୍ରରେ ଶିକ୍ଷିତ ସମାଜ ପ୍ରଶ୍ନ କରିବା ସ୍ୱାଭାବିକ। ଅନ୍ୟପଟେ ସମ୍ପୂର୍ଣ୍ଣ ଅଶିକ୍ଷିତ ତାଙ୍କର ମନର ଚାହିଦା ଅନୁଯାୟୀ ଭୋଟ ଦେଇଥାନ୍ତି। ତେବେ ମଧ-ଶିକ୍ଷିତ ହେଉଛନ୍ତି ସମାଜ ପାଇଁ ସବୁଠାରୁ ଅଧିକ କ୍ଷତିକାରକ। ସେହିମାନେ ପ୍ରଶ୍ନ କରିବାକୁ ଇଚ୍ଛାକରନ୍ତି ନାହିଁ କିମ୍ବା ଭୁଲ୍ ଦେଖିବାରେ ସମୟ ଦେବାକୁ ପ୍ରସ୍ତୁତ ହୁଅନ୍ତି ନାହିଁ। ସେହି ଗୋଷ୍ଠୀ ସମ୍ପୂର୍ଣ୍ଣ ଭାବେ ସ୍ୱାର୍ଥପର ହୋଇ ଦେଶର ମଙ୍ଗଳ ପରିବର୍ତ୍ତେ ନିଜର ସୁବିଧାକୁ ଦେଖିଥାନ୍ତି ଏବଂ ସ୍ରୋତ ସହିତ ବହିଯିବାକୁ ଆଗଭର ହୁଅନ୍ତି। ତେଣୁ ସେଭଳି ଶିକ୍ଷିତଙ୍କୁ ନେଇ ଭିଡ଼ କରିବା ସହଜ ହୋଇଥାଏ। ଯେଉଁମାନେ ବ୍ୟବସ୍ଥାକୁ ପ୍ରଶ୍ନ କରନ୍ତି, ସେମାନେ ଅସମ୍ଭାଳ ପରିସ୍ଥିତି ସୃଷ୍ଟି କରନ୍ତି।

* * *

## କବିତା ଗୁଚ୍ଛ

### ମୋ ସ୍କୁଲ କହେ ଆସ ଆସ

ଆହା କି ସୁନ୍ଦର ମୋ ବିଦ୍ୟାଳୟ
ଜୀବନ ଲାଗଇ ଆନନ୍ଦ ମୟ
ଭାବିଲେ ଥରେ ତା କଥା
ଭାବନା ରାଇଜୁ ମନ ନ ଫେରଇ
ଲାଗିଥାଏ ବଡ଼ ବ୍ୟଥା ।
ଗାଁ ଚାଟଶାଳୀ ଠାରୁ ତ ଶିକ୍ଷା
ବିଦ୍ୟାଳୟେ ଯିବା ସତେକି ଦୀକ୍ଷା
ନୈତିକତା ଶିକ୍ଷା ଦିଏ
ଖାଇବା ପିଇବା ସବୁ ନିୟମିତ
ରୋଗ ତ ଦୁରେଇ ଯାଏ ।
ଏକତା ଓ ଏକାଗ୍ରତାର ଶିକ୍ଷା
ପରୀକ୍ଷା ସମୟେ ଇଶ୍ୱରେ ଡ଼ାକ
ସେଥିପାଇଁ ତୋଳା ଫୁଲ
ନଇ ଗାଧୁଆକୁ ପଖାଳ ଖିଆଟା
କିଏବା ଦେବ ତା ମୁଲ ।
ଆହେ ଦୟାମୟ ବିଶ୍ୱବିହାରୀ
ରାମକୃଷ୍ଣ ନନ୍ଦ ଗୁରୁ ଆମରି
ସେ ଶିକ୍ଷା ମନକୁ ପାଏ
ତାହା ପ୍ରେରଣାରେ ଅନୁପ୍ରାଣିତ ମୁଁ
ମନକୁ ବୁଝାଇ ଦିଏ ।
କେବଳ ଘୋଷିବା ହୁଅଇ ସାର
ଏବେ କିନ୍ତୁ କର୍ମକ୍ଷେତ୍ରେ ବାହାର
ସେହି ଶିକ୍ଷା କାମ ଦିଏ
ବୁଝୁ ନବୁଝୁ ପଢ଼ ଗୀତା ବହି
ବୁଝିବା ସମୟ ଇଏ ।
ସବୁବେଳେ ସେହି କଥାକୁ ଭାବି
ଗଗନେ ଉଦୟ ହୁଅଇ ରବି
ସକାଳ ମଧ୍ୟାହ୍ନ ସନ୍ଧ୍ୟା
ହୋଇଯାଏ କେବେ ଜାଣିନପାରଇ
ବିଦ୍ୟାଳୟ ଡାକେ ଆ ଆ ।



ବିଷ୍ଣୁପ୍ରିୟା ପଣ୍ଡା
ପହଂଗା, ନିଆଳି, କଟକ



## ସୁଫୀବାଦ ଓ ଅସହିଷ୍ଣୁତାର ଯୁଗରେ ଜଣେ ମୁସଲିମ ନାରୀର ଆଶ୍ୱସ୍ତି ଭରା ସ୍ୱର

ଏକ ମୁସଲିମ ମହିଳା ଭାବରେ ନିଜ ସମୟରେ ଅଶାନ୍ତିର ସାକ୍ଷୀ ହୋଇ ମୁଁ ପ୍ରାୟତଃ ଅନୁଭବ କରେ ଯେ, ମୋର ଧର୍ମ ବିଶ୍ୱାସକୁ ଭୁଲ୍ ବୁଝା ହୋଇଛି କାରଣ ଆଜି ବିଶ୍ୱରେ ଯେତେବେଳେ ଉଚ୍ଚ ସ୍ୱର ଗୁଡିକ କ୍ରୋଧରେ ପରିପୂର୍ଣ୍ଣ ହୋଇ ବିଭାଜନ ସୃଷ୍ଟି କରୁଛନ୍ତି, ତାହାର ବିପରିତ ଏକ ନରମ, ପ୍ରାଚୀନ ଏବଂ ବହୁ ଶକ୍ତିଶାଳୀ ପରମ୍ପରା ରହିଛି ତାହା ହେଲା ସୁଫୀବାଦ। ସୁଫୀବାଦ କଠୋରତାରୁ ନୁହେଁ ବରଂ କରୁଣାରୁ ଜନ୍ମ ନେଇଛି। ଏପରି ଏକ ଯୁଗରେ ଯେଉଁ ଠାରେ ଅସହିଷ୍ଣୁତା ହୃଦୟକୁ କଠୋର କରିବାରେ ଲାଗିଛି ଏବଂ କଟ୍ଟରବାଦ ଦୁର୍ବଳ ମନକୁ ପ୍ରଲୋଭିତ କରୁଛି ସେଠାରେ ସୁଫୀବାଦର ଶିକ୍ଷାଦ୍ୱାରା ଆମେ ପ୍ରକୃତ ବିଶ୍ୱାସ ଏବଂ ମଣିଷ ଭାବରେ ନିଜର ଅସ୍ତିତ୍ୱକୁ ଜାଣିବାର ରାସ୍ତା ଅକ୍ତିଆର କରିବାର ଆବଶ୍ୟକତା ଅଛି।

ଆମମାନଙ୍କ ମଧ୍ୟରୁ ଅନେକଙ୍କ ପାଇଁ ସୁଫୀବାଦର ପ୍ରାରମ୍ଭିକ ଶିକ୍ଷା ଘରେ ଆରମ୍ଭ ହୋଇଥାଏ, ସାଧାରଣତଃ ଆମ ମା' ଏବଂ ଜେଜେମାଙ୍କ ମାଧ୍ୟମରେ, ଯେଉଁମାନେ କେବେ ସୁଫୀବାଦ ଶବ୍ଦର ବ୍ୟବହାର କରିନଥିଲେ କିନ୍ତୁ ପ୍ରତିଦିନ ଏହାର ଆତ୍ମାକୁ ବଞ୍ଚାଇ ରଖିଥିଲେ। ପରିବାରର ମହିଳାମାନେ ଶିକ୍ଷା ଦେଉଥିଲେ ଯେ ଧର୍ମ ବିଶ୍ୱାସ କେବଳ ରୀତିନୀତିରେ ନୁହେଁ ବରଂ ଚରିତ୍ର, ଦୟା ଏବଂ ଯନ୍ତ୍ରଣାରେ ଥିବା ବ୍ୟକ୍ତି ସହ କିପରି ନମ୍ରତାର ସହିତ ଆମକୁ କଥା ହେବାକୁ ହୁଏ ସେହିଥିରେ ନୀହିତ ଥାଏ। ପ୍ରକୃତରେ ଆଲ୍ଲାହ୍ ଆମର କ୍ରୋଧ ପରିବର୍ତ୍ତେ ଆମର ଉଦ୍ଦେଶ୍ୟକୁ ଓ ଆମର ଉଚ୍ଚ ଦାବି ବଦଳରେ ଆମର ନୀରବ ସଙ୍କୋଚତାକୁ ଲକ୍ଷ୍ୟ କରନ୍ତି। ଯେତେବେଳେ ଦୁନିଆରେ ଦ୍ୱେଷକୁ ପ୍ରୋତ୍ସାହିତ କରାଯାଉଛି, ସେତେବେଳେ ସୁଫୀବାଦ ସହାନୁଭୂତିଶୀଳତାର ଶିକ୍ଷା ଦେବା ଦିଗରେ ଆଗେଇ ପାରୁଛି। ସୁଫୀଶିକ୍ଷାର ମୂଳ ହେଉଛି ତାଜକିୟା ଯାହାର ଅର୍ଥହେଲା ନିଜର ଅନ୍ତରକୁ ବିଶୁଦ୍ଧ କରିବା। ଯେତେବେଳେ ଜଣେ ବ୍ୟକ୍ତି କ୍ରୋଧ ଅହଂକାର ଭୁଲି ନିଜ ହୃଦୟକୁ ଶୁଦ୍ଧ କରିଥାଏ ସେତେବେଳେ କଟ୍ଟରବାଦୀ ଚିନ୍ତାଧାରାର ସାମର୍ଥ୍ୟ ହ୍ରାସ ପାଇଥାଏ। ଚରମପନ୍ଥା କ୍ରୋଧରୁ ବୃଦ୍ଧିପାଇଥାଏ ହେଲେ ସୁଫୀବାଦ ଏହାକୁ ଶାନ୍ତ କରିଦେଇଥାଏ। ଉଗ୍ରବାଦ ଦ୍ୱାରା ଅନ୍ୟକୁ ନିୟନ୍ତ୍ରଣ କରିବାର ଇଚ୍ଛାକୁ ସୁଫୀବାଦ ନରମ କରିଦିଏ। କଟ୍ଟରବାଦୀ ମାନେ ଆହତ କିମ୍ବା ବିଚ୍ଛିନ୍ନ ଅନୁଭବ କରୁଥିବା ବ୍ୟକ୍ତିମାନଙ୍କୁ ନିଜପ୍ରତି ଆକର୍ଷିତ କରିବା ପାଇଁ ଚେଷ୍ଟା କରିଥାଆନ୍ତି। ଅନ୍ୟପକ୍ଷରେ ସୁଫୀବାଦ ଶିକ୍ଷାଦେଇଥାଏ ଯେ ପ୍ରକୃତ ଶକ୍ତି ଅନ୍ୟକୁ ପରାସ୍ତ କରିବା ନୁହେଁ ବରଂ ନିଜ ଭିତରେ ଥିବା ବିଶୃଙ୍ଖଳାକୁ ନିୟନ୍ତ୍ରଣ କରିବାରେ ଅଛି। ସୁଫୀବାଦର ଏକ ସୁନ୍ଦର ଚିନ୍ତାଧାରା ହେଉଛି ଭଲ ପାଇବାର ଶିକ୍ଷା ଯାହା ଦୁନିଆ ପ୍ରତି ବ୍ୟକ୍ତିର ଦୃଷ୍ଟିକୋଣକୁ ପରିବର୍ତ୍ତନ କରିଥାଏ। ଏହି ପ୍ରେମ ସଂକୀର୍ଣ୍ଣ କିମ୍ବା ଚୟନାତ୍ମକ ନୁହେଁ କାରଣ ଏହା ନିଜକୁ କୌଣସି ନିର୍ଦ୍ଦିଷ୍ଟ ସମୁଦାୟ କିମ୍ବା ଧର୍ମ ମଧ୍ୟରେ ସୀମିତ ନରଖି ପ୍ରତ୍ୟେକ ମଣିଷର ହୃଦୟକୁ ଆଲୋକିତ କରିଥାଏ। ଯେତେବେଳେ ଜଣେ ମଣିଷ ଏହିପରି ଦୃଷ୍ଟିକୋଣକୁ ଆପଣେଇ ନେଇଥାଏ ସେତେବେଳେ ଅସହିଷ୍ଣୁତା ଜନ୍ମ ନେବା ଅସମ୍ଭବ। ଅନ୍ୟମାନଙ୍କ ମଧ୍ୟରେ ଦିବ୍ୟ ସୌନ୍ଦର୍ଯ୍ୟକୁ ଚିହ୍ନିପାରୁଥିବା ହୃଦୟ କେବେହେଲେ ଧର୍ମବିଶ୍ୱାସକୁ ଅସ୍ତ୍ର ରୂପରେ ବ୍ୟବହାର କରିପାରିବ ନାହିଁ। ଆଧ୍ୟାତ୍ମିକ ପ୍ରେମକୁ ଅନୁଭବ କରିଥିବା ବ୍ୟକ୍ତି କେବେହେଲେ ବିଶ୍ୱାସ କରିପାରିବନି ଯେ ହିଂସା ସମ୍ମାନ ଆଣିଥାଏ। ମୁସଲିମ୍ ମହିଳାମାନଙ୍କ ପାଇଁ ସୁଫୀବାଦର ଶିକ୍ଷା ଅତ୍ୟନ୍ତ ପ୍ରଭାବଶାଳୀ ଅଟେ କାରଣ ସମାଜ ପ୍ରାୟତଃ ମହିଳା ମାନଙ୍କୁ ନୀରବତାରେ ଆବଦ୍ଧ କରିବାପାଇଁ ଚେଷ୍ଟା କରିଥାଏ ସେତେବେଳେ ସୂଫୀବାଦ ସ୍ମରଣ କରାଇ ଦେଇଥାଏ ଯେ ପ୍ରତ୍ୟେକଙ୍କ ସ୍ୱର ଅଛି ଏବଂ ଯେତେବେଳେ ଏହି ସ୍ୱର ପ୍ରେମରେ ଆଧାରିତ ସେତେବେଳେ ତାହା କ୍ରାନ୍ତିକାରୀ ରୂପ ନେଇପାରେ। ସୁଫୀବାଦ ଧୈର୍ଯ୍ୟ ଶିଖାଏ ଯାହା ନିଷ୍କ୍ରିୟ ହେବା ବଦଳରେ ଉଦ୍ଦେଶ୍ୟ ସାପେକ୍ଷ ହୋଇଥାଏ। ଯେତେବେଳେ ଲୋକେ ସାମାନ୍ୟ ମତଭେଦରେ ଉତ୍ତେଜିତ ହୋଇଉଠୁଛନ୍ତି, ସୁଫୀବାଦ ଧୈର୍ଯ୍ୟର ଏକ ପ୍ରତୀକ ଭାବରେ ଛିଡା ହୋଇ ରହିଛି। ଘୃଣାଦ୍ୱାରା ଟାର୍ଗେଟ କରାଯାଉଥିବା ସମ୍ପ୍ରଦାୟଙ୍କ ପାଇଁ ଏହି ଧୈର୍ଯ୍ୟ ଏକ ଢାଲ ସଦୃଶ କାର୍ଯ୍ୟ କରିଥାଏ।

ସାମାଜିକ ଗଣମାଧ୍ୟମର ଯୁଗରେ ଯେତେବେଳେ ଭୂଲ ସୂଚନା ଦ୍ରୁତ ଗତିରେ ବ୍ୟାପି ସମାଜରେ ଦ୍ୱେଷ ସୃଷ୍ଟି କରୁଛି ସେତେବେଳେ ସୁଫୀବାଦର ଶିକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୁଫୀବାଦର ଅନ୍ୟ ଏକ ପକ୍ଷ ହେଲା ଏହା ସମାବେଶୀତାକୁ ପାଳନ କରିଥାଏ। ଅତୀତ କାଳରୁ ସୁଫୀ ପାର୍ଥନା ସ୍ଥଳଗୁଡିକ ପୃଷ୍ଠଭୂମି ଓ ଧର୍ମ ବିଶ୍ୱାସ ନିର୍ବିଶେଷରେ ଲୋକଙ୍କୁ ଆକର୍ଷିତ କରିଆସିଛି। ସୁଫୀବାଦର ଏହି ଉଦାରତା ଆଧ୍ୟାତ୍ମିକ ହେବା ସହିତ ସାମାଜିକ ପରିବର୍ତ୍ତନରେ ସହାୟକ ହୋଇଥାଏ। ଏହା ଆମକୁ ଶିକ୍ଷା ଦେଇଥାଏ ଯେ ମୁସଲମାନ ସମୁଦାୟଙ୍କ ପ୍ରଗତି ଅନ୍ୟମାନଙ୍କ ସହ ସମନ୍ୱୟରେ ଅର୍ନ୍ତନିହିତ। ସୁଫୀବାଦ ଦର୍ଶାଏ ଯେ ବିବିଧତାକୁ ଗ୍ରହଣ କରିବା ବିଶ୍ୱାସ ସହ ସାଲିସ୍ କରିବା ନୁହେଁ ବରଂ ଏହା ହେଉଛି ସମ୍ପୂର୍ଣ୍ଣତାର ପଥ। କଟ୍ଟରବାଦର ମୁକାବିଲା ପାଇଁ ସରକାର ଏବଂ ବିଶେଷଜ୍ଞ ମାନେ ପ୍ରାୟତଃ ନୀତି, ଗୁପ୍ତ ନୀରିକ୍ଷଣ କିମ୍ବା କଟ୍ଟରବାଦ-ନିରୋଧୀ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଅନ୍ତି। ଏସବୁ ମୂଳକାରଣକୁ ସମାଧାନ ନକରି କେବଳ ବାହ୍ୟ ଲକ୍ଷଣ ଗୁଡିକର ପ୍ରତିକାର କରିଥାଏ। କଟ୍ଟରବାଦ ବିପଦଜନକ ରୂପରେ ପରିବର୍ତ୍ତିତ ହେବା ପୂର୍ବରୁ ଏକ ଆହତ ଏବଂ ଭାବପ୍ରବଣ ହୃଦୟରୁ ଆରମ୍ଭ ହୋଇଥାଏ। ସୁଫୀବାଦ ସେହି ଭାବ ପ୍ରବଣତାର ମୂଳକୁ ପହଞ୍ଚି ତାହାର ନିଦାନ କରିଥାଏ। ଏହା ଏକ ହିଂସା ବିହୀନ ଉଦ୍ଦେଶ୍ୟ ତଥା ଘୃଣା ବିହୀନ ପରିଚୟ ପ୍ରଦାନ କରିଥାଏ। ଏହା ଧ୍ୱଂସ କରିବାର ଆବେଗକୁ ଗ୍ରହଣିୟତାର ଇଚ୍ଛାରେ ପରିଣତ କରାଇଥାଏ। ଏହା ଯୁବପିଢିଙ୍କୁ ସେହି ଶାନ୍ତି ପ୍ରଦାନ କରିଥାଏ ଯାହା ଉଗ୍ରବାଦ କେବେ ଦେଇପାରିବ ନାହିଁ। ସୁଫୀବାଦ ବିଶ୍ୱକୁ ପ୍ରେମ କରିବାର ସାହସ, ଶୁଣିବାର ନମ୍ରତା ଏବଂ ଭେଦଭାବ ପୂର୍ବରୁ ମାନବିକତାକୁ ଦେଖୁବାର ଜ୍ଞାନ ପ୍ରଦାନ କରେ। ଏହା କେବଳ ଏକ ଆଧ୍ୟାତ୍ମିକ ଆଦର୍ଶ ନୁହେଁ ବରଂ ଆମ ସମାଜକୁ ସୁସ୍ଥ ରଖିବା ପାଇଁ ଏକ ବ୍ୟବହାରିକ ଉପକରଣ ଅଟେ। ଏହା ଆମକୁ ମନେ ପକାଇ ଦେଇଥାଏ ଯେ ବିଶ୍ୱାସର ପ୍ରକୃତ ମାପକାଠି ହେଉଛି ଏହାକୁ ଉଚ୍ଚସ୍ୱରରେ ରକ୍ଷା କରିବା ଅପେକ୍ଷା ନମ୍ର ଭାବରେ ଏହାର ପାଳନ କରିବା। ଅସହିଷ୍ଣୁତା ଯେତେବେଳେ ସମଗ୍ର ସମ୍ପ୍ରଦାୟକୁ ଆତଙ୍କିତ କରୁଛି ସେତେବେଳେ ସୁଫୀବାଦ ଏକ ସ୍ଥିର ଆଲୋକ ସଦୃଶ ଆମକୁ ସଠିକ୍ ପଥକୁ ଫେରାଇ ଆଣିବାରେ ସାହାଯ୍ୟ କରିଥାଏ। ସମଗ୍ର ବିଶ୍ୱକୁ ଶିକ୍ଷା ଦେବା ପାଇଁ ସୁଫୀବାଦ ସମ୍ପୂର୍ଣ୍ଣଭାବରେ ପ୍ରସ୍ତୁତ କାରଣ ବର୍ତ୍ତମାନ ସମୟରେ ପରସ୍ପର ସହିତ ଯୁକ୍ତି ବଦଳରେ ମାନବିକତାର ଅଧିକ ମହତ୍ୱ ରହିଛି।

- ଇନ୍ସା ୱାରସୀ
ଫ୍ରାଙ୍କୋଫୋନ୍ ଏବଂ ସାମ୍ବାଦିକତା ଅଧ୍ୟୟନ ବିଭାଗ
ଜାମିଆ ମିଲିଆ ଇସଲାମିଆ

# ଧନିଆ ପାହାଡ଼



'ତୁମେ ଜାଣନି ବାବୁ, ନିତି ସଞ୍ଜବେଳେ ତୁମେ ଐଆସପଟ ଗୁମ୍ଫା ପାଖରେ କାନଡେରିଲେ ଶୁଣିବ କେମିତି ଖଞ୍ଜଣିମାଡ଼ ପଡ଼ିଥିବ। ଏବକୁ ସିନା ଧନିଆ ପାହାଡ଼ ଖାଲି ଲଣ୍ଡା ପାହାଡ଼ଟାଏ। ଏଇ ଦି କୋଡ଼ି କି ତିନିକୋଡ଼ି ବରଷତଳେ ଏଠିପରା ବି ଘଞ୍ଚ ବଣ ଥିଲା, ବାଘ ମଣିଷ ଟେକି ନେଉଥିଲା ଦିନ ଦିପହରେ। ତା'ପରେ ଆହୁରି କେତେ ବରଷତଳେ ସୁନିଆଦିନ ଭଙ୍ଗାଗଡ଼ରେ ମେଳା ହଉଥିବାର ଆମ ବାପ ଅଜା କହନ୍ତି। ସେ ମେଳାକୁ କୁଆଡ଼େ କେହି ଯାଆନ୍ତିନି, ବଣଖଣ୍ଡ ମୁଲକରୁ ବଙ୍ଗଳା ବାଆଜି ଗୁଡ଼ାଏ ଆସନ୍ତି। ତାଙ୍କ କଥା କେହି ବୁଝେନା, ସେ ବି ଆମ କଥା ବୁଝିନ୍ତିନି, ସେ ବାଆଜି ସବୁ ଗଲେ କୁଆଡ଼େ। ସବୁ ସେଇ ଗୁମ୍ଫାରେ ସେଇ କରନ୍ତି ଖଞ୍ଜଣି ମାଡ଼। ପାପୀଙ୍କ କାନକୁ କ'ଣ ଶୁଭିବ ବା ଆଖିକୁ ଦିଶିବ ? ସେ ଖଞ୍ଜଣିମାଡ଼ ଅଲଗା ରକମର ବାବୁ–ହରମଳିକ ଗପି ଚାଲିଥାଏ।

ହରି ମଳିକ ଜାତିରେ ପାଣ, ରଙ୍ଗ କଳା ନୁହେଁ, ତେବେ ସାବନା ବୋଲି କହି ହବନି। ମୁଣ୍ଡବାଳ ଝୋଟ ହୋଇଗଲାଣି, ଦିହରୁ ଫୋଛି ଆଣିଲେ, କଥାରେ ଅଛି ପୋଷେ ମଳି ବାହାରିଆସିବ। ଅଣ୍ଟାରେ ମାଟିଆ ଛିଣ୍ଡା କରିଆଖଣ୍ଡେ, ଅଲେଖ ଧର୍ମ୍ମୀ ନୁହେଁ, ମଳି ଜମିଜମି ଏମିତି ରଙ୍ଗ ହୋଇଯାଇଛି। ପାଟିଟା ଭାଣୁ ଭାଣୁ ଗନ୍ଧଉଛି, ଏଇଟା ପିକା, ଚୂନୁପତର ମିଶା କଦର୍ଯ୍ୟ ଗନ୍ଧ। ଏଇ ତଳ ପାଇକରାପୁର ପାଣସାହିରୁ ଉଠିଆସିଛି। ତା'ର ପୁଅ ଝିଅ ନାତି ନାତୁଣୀ ସମସ୍ତେ ଅଛନ୍ତି। ବୋହୂ ସାଙ୍ଗରେ କ'ଣ ବିଡ଼ି କଠାଟାପାଇଁ କଜିଆ କରି ପୁଅଠଉଁ ଖାଇଲା ମାଡ଼, ବିଡ଼ି କଠାଟାଏ, ଦି ଅଣା ବୋଲି ପଇସା। ହରିଆ ସିନା ପିଙ୍କା ଟାଣୁଥିଲା, ପୁଅ ପାଣୁଆ ଟାଣେ ବିଡ଼ି। ବୁଢ଼ାବି ଖଣ୍ଡେ ଖଣ୍ଡେ କେତେବେଳେ ନେଇ ଯାଇ ଟାଣିଦିଏ। ସେଇଠୁ ଲାଗେ ଭଟଭଟ। ବୁଢ଼ା ଏବେ ଆଉ ଧୂଆଁପତର କି ବାଇଗିଣିପତର ପାଏନି ପିଙ୍କା ବଳିବାକୁ। ଏବେ ଆଉ ଏ ଆଡ଼େ ସେଗୁଡ଼ା କରୁନାହାନ୍ତି। ସବୁଦିନେ ସକାଳହେଲେ ପୁଅକୁ ମାଗିବ ଦିଟା ପଇସା ପତରପେଇଁ। କେବେ ପୁଅଦିଏ, କେବେ ମିଳେ ଗାଳି। ତଥାପି ହରିଆ ନେହୁରା ହୁଏ। ପଇସା ମିଳୁକି ନ ମିଳୁ ଯିବ ଦୋକାନ ଆଡ଼େ। ପଇସା ଥିଲେ କିଣିବ, ନଥିଲେ ବାକି ଆଣିବ, ବାକି ନଦେଲେ ମାଗିବୁଲିବ। ଏବେ ଆଉ ମାଗିଲେ ପତର କେଇ ଦଉନି। ଭାଉ ଭାରି ବଢ଼ିଗଲାଣି। ହେଲେ ଏ ବଦ ଅଭ୍ୟାସଟା ଯାଉଚି କେତେକେ! ଗାଳିମନ୍ଦ ଶୁଣିଲେବି ହରିଆ କୋଉଠୁହେଲେ ଠଉରେଇ ବିଡ଼ି ଖଣ୍ଡେ ଦିଖଣ୍ଡ ଗ୍ଡେରି କରି ଟାଣିବ। ଏବେ ପାଣୁଆ ଲୁଚେଇ ରଖେ। ବୁଢ଼ା ଦି ଦିନ ହେଲା ଯେତକ ପାଣୁଆର ଖଣ୍ଡିଆ ବିଡ଼ି ପଡ଼ିଥିଲା ରାସ୍ତାରେ ବା କିଏ ପକେଇଥିଲା ସବୁ ଗୋଟେଇ ଟାଣି ସାରିଛି। କାଲିସଞ୍ଜବେଳଠୁଁ ଆଉ କିଛି ନାହିଁ। ଦିହ ଭାରି ଭିଡ଼ିମୋଡ଼ି ହେଲା। ଘୋଡ଼େଇ ଘାଡ଼େଇ ହେଇ ଘର କଣରେ ପଡ଼ି ରହିଲା। ଗୋଟିଏ ବୋଲି ବଖୁରା, ମଝିରେ କାନ୍ଥ ଉଠିଛି। ଗୋଟାଏ କଡ଼ରେ ବୁଢ଼ାରହେ, ଆଉ ସାଙ୍ଗରେ ୨ଟି ଛେଳି ଆଉ ୩ଟା ଛୁଆ। ବେଳେବେଳେ ନାତିଟା ବି ଆସି ବୁଢ଼ାସାଙ୍ଗରେ ଶୋଇପଡ଼େ। ସେକଡ଼ରେ ପାଣୁଆ ଶୁଏ ପିଲାଛୁଆଙ୍କୁ ଧରି। ସେଇ ବଖୁରାଟାରେ ସବୁ ପେଡ଼ିପେଟରାଠୁ ଆରମ୍ଭ କରି ସିଲଭର, ମାଟି ହାଣ୍ଡି ପର୍ଯ୍ୟନ୍ତ ଏକଣ ସେକଣ ହୋଇ ସାଇତା ହୋଇଛନ୍ତି। ଓଳିଆ, ଅଲୁଗୁଣି, ଶିକା, ଚୁଲି ସବୁଯାକ ଛାଡ଼ିଦେଲେ ପାଣୁଆ ପିଲାପିଲିଙ୍କ ପେଇଁ ମେଞ୍ଚାଏ ଜାଗା ବଳିପଡ଼େ। ତା'ରି ଭିତରେ ପାଣୁଆ କୋଇଠି ଲୁଚେଇ ଦେଇଛି ବିଡ଼ି କଠାଟା। ବୁଢ଼ା ମୋଟେ ପାଉନି, ବେଶିବି ଖୋଜିପାରୁନି। ବୋହୂଟା ଡାଆଣୀମିତି ଅନେଇଚି। ବୁଢ଼ା ସେମିତି ପଡ଼ିରହିଥାଏ ଭୂଇଁରେ, ସଞ୍ଜ ଘଣ୍ଟା ବାଜିଲା। ପାଣୁଆ ସଉଦାପତର ଧରି ଘରକୁ ଆସିଲା। ଜିନିଷଯାକ ପଦାରେ ରାଧିବୋଉ ଆଗରେ ଥୋଇ ଦେଇ ଘରକୁ ମୁହଁ ଅନ୍ଧାରରେ ପଶିଆସି କ'ଣ ଗୋଟାଏ ଟେକିଲା। ଅଧା କାନ୍ଥି ସେ କଡ଼ରୁ ଆଖି ଦିଟା ଜୁକୁଜୁକୁ କରି ଅନେଇଚି। ଏକଡ଼ ସେକଡ଼କୁ ଚାହିଁ କଣଟାଏ ରଖିଦେଇ ପେଟରାଟା ଥୋଇଦେଇ ବାହାରିଗଲା ପଦାକୁ। ବୁଢ଼ା ପଛେପଛେ ଏକା ନିଶ୍ୱାସକେ ଯାଇଁ ପେଟରାଟା ଟେକିଦେଇ ତଳ କଣାରୁ ଘିଚି ଆଣିଲା କଠାଏ ବିଡ଼ି। ବୋଉ ସମ୍ଭାଳି ପାରିଲାନି। କଠାଟା ଯାକ ଆଣି ଚାଳରେ ଖୋସିଦେଇ ଖଣ୍ଡେ ଧରି ବାହାରି ଆସୁ ଆସୁ ପଶିଆସୁଥିଲା ବୋହୂ ସଉଦା ତକ ଧରି। ଲଣ୍ଡଭଣ୍ଡ ହୋଇ ବୁଢ଼ା ବାହାରିଗଲା। ସକାଳକୁ ପାଣୁଆ ଯେତେବେଳେ ଖୋଜେ କଠାଟା ନାହିଁ, ସମସ୍ତଙ୍କୁ ପଚାରିଗଲା। ବଡ଼ପୁଅ ଶାମାଟା ବେଳେବେଳେ ଟାଣିଲାଣି। ବୁଢ଼ା ଶିଖେଇଚି, ବହେ ଛେଚା ଖାଇଲା। ବୁଢ଼ା ସେମିତି କାନ୍ଥ ସେ କଡ଼ରୁ ଅନେଇ ଥାଏ। ଶେଷରେ ପଡ଼ିଲା ତା ପାଳି। ବୋହୂ ଆସି ପଚାରିଲା, ପାଣୁଆ ଆଗରେ କଇଲା ବୁଢ଼ାକୁ ଘରୁ ବାଆରି ଆସୁଥିବାର ଦେଖିଥିବାର। ଶାମାବି କଇଲା ବୁଢ଼ାବାଆ ତାକୁ ରାତିରେ ବିଡ଼ିଟାଣିବାକୁ ଯାଚୁଥିଲା। ବୁଢ଼ା ସବୁ ରାଣ ନିଅମ କଲା, ଆଖି ଛୁଇଁଲା ଶେଷରେ ଶାମା ମୁଣ୍ଡ ଛୁଇଁବାକୁ ଗଲାବେଳେ ରାଧିବୋଉ ପକେଇଲା ଛାଞ୍ଚୁଣିରେ ପାହାରେ। ବୁଢ଼ା ଚିହିଙ୍କି ଉଠିଲା, ଶଶୁର ବୋହୂଙ୍କର ନାଗିଗଲା କଜିଆ। ପୁଅ ନେଲା ବୋହୂର ପଟ। ଦି ଜଣଙ୍କର ମାଡ଼ ସମାଳିନପାରି ବୁଢ଼ା ବାଆରି ଆସୁ ଆସୁ ମୁଣ୍ଡଟା ପିଟିହୋଇଗଲା ଚାଳରେ। ବିଡ଼ି କଠାଟା ବିଛେଇ ହୋଇପଡ଼ିଲା। ଶାମା ଝମ୍ପିନେଇ ପଳଉ ପଳଉ ପାଣୁଆ ଧରିପକେଇ ଲଗେଇଲା ଏକ ଚପୁଡ଼ା। ଶାମା ଭେଁ ଭେଁ ରଡ଼ିଛାଡ଼ିଲା। ରାଧିବୋଉ ଭିଡ଼ି ନେଇ କଇଁ ଥମେଇବାରେ ଲାଗିଲା। ବୁଢ଼ା ବକର ବକର ହେଇ ବାଆରି ଆସିଲା ଘରୁ। ସାଇବାଲା ଜମିଗଲେ, ସମସ୍ତେ ଦି ଜଣଙ୍କର କଥା ଶୁଣିଲେ। ଏମିତି କଜିଆ ସାଇରେ ନୂଆ ନୁହେଁ। ଅଳପ ବହୁତେ ସବୁଦିନେ ଲାଗି ରହିଥାଏ। କାମବେଳ ହୋଇଯାଉଛି। ସମସ୍ତେ ଗୋଟିଏ ଗୋଟିଏ ଭାଙ୍ଗିଗଲେ, ଖାଲି କେଇଜଣ ବୁଢ଼ା ଯାହା ରହିଲେ ହରିଆ କଥା ବୁଝିବାକୁ। ସମସ୍ତେ ଦୋଷଦେଲେ ପାଣୁଆର, ପାଣୁଆରବି ତର ନଥିଲା ବୁଢ଼ାଯାକଙ୍କର କଥା ଶୁଣିବାକୁ। ବେଳ ହେଇଗଲାଣି। ସାଙ୍ଗଯାକ ସମସ୍ତେ ଗଲେଣି, ମାଲିକ ଗାଳିଦବ। କିଏ କ'ଣ କଇଲା ଶୁଣି ବଇଲେ ଖାଇବାକୁ ମିଳିବନି। ବିଡ଼ିକଠାଟା ଅଣ୍ଟାରେ ଖୋସି ଟାଉ ଟାଉ କରି ବାହାରିଗଲା। କେବଳ ଠିଆହୋଇରହିଲା ହରିଆ, ତାକୁ କ'ଣ କହିବେ ? କେଇଜଣ ହରିଆରବି ଦୋଷ ଦେଲେ। କାଆର ଛେଳି ଧନିଆ ପାହାଡ଼କୁ ଚରିଯିବେ ବୋଲି ବୁଢ଼ୀ ଡାକିଲା। ଗୋରୁ କୋଉଠି ମରି ପଡ଼ିଛି, ଉପରେ ଶାଗୁଣା ଉଡ଼ିଲେଣି। ଗଲେ ଛାଲଟା ଛେଲି ଆଣିବ। ନାରଣ ପୋଖରୀ ଗୋଳାହଉଛି। ଟୋକେଇଟା ନେଇଗଲେ ମାଛ ଦିଅଣ୍ଡା ଧରିବ। ସମସ୍ତେ ଭାଙ୍ଗିଗଲେ, ଆଗରେ କୁଡ଼ିଆଟା ଭିତରେ ନାତିନାତୁଣୀ ଗୁଡ଼ାକ ଅନେଇଚନି। ଶାମାର କୋଅ ରହିନି। ବୁଢ଼ା ଠିଆହୋଇଛି ଏକା। ମାଡ଼ରେ ଠାଆ ଠାଆ ଫୁଲିଯାଇଛି। ଗୋଟିଏ ଗୋଟିଏ ଚାଲିଲା ଧନିଆ ପାହାଡ଼ ତଳକୁ, ସେଇଠି ଖଣ୍ଡେ ପଥର ଉପରେ ବସିପଡ଼ି ଅନେଇଲା ତଳ ପାଣ ସାହିକୁ। ଧୀରେ ଧୀରେ ମନଭିତରେ ସବୁଯାକ ଗୋଳମାଳିଆ ହୋଇଯାଉଛି। ଏ ଦୁନିଆ କାଆରି ନୁହେଁ। କେହି କାଆରି ନୁହନ୍ତି। ମିଛ ମାୟାରେ ପଡ଼ି ଲଡ଼ବଡ଼ ହଉଛି। ଧନିଆ ପାହାଡ଼ ତଳ ମଶାଣିରେ କୋଉଦିନ ତାକୁ ପୋତି ଦେଇଗଲେ ରାତିରେ ହେଟା ଟାଣିନେଇ ଚାଲିଯିବ ପାଆଡ଼ ଉପରକୁ। ସେଇ ଅଇଆସପଟ ଗୁମ୍ଫା ତଳେ ସବୁ ସରିଯିବ। ସେଠିକି କେହି ଯାଏନି ଟାଙ୍ଗରାଟା, ବୁଢ଼ାଠିକ୍ କରିଛି ହେଟା ଟେକିନବା ଆଗରୁ ସେ ଆପେ ଚାଲିଯିବ। ରାତିହେଲେ ସାଧୁ ସନ୍ଥ ଆସି ଖଞ୍ଜଣି ପିଟିବେ। ତାଙ୍କରି ସାଙ୍ଗ ହବ, ଦେଖିବ ସେ କୁଆଡ଼େ ଯାଉଚନି, ତାଙ୍କରି ସାଙ୍ଗରେ ଯିବ, ବହୁତ ଦମ୍ଭ ଧରି ଆସିଛି। ପିଲାଦିନୁ ତାଙ୍କରି କଥା ଶୁଣିଆସିଛି।

କିନ୍ତୁ ବିଶ୍ୱାସ କରିବନି ହରିଆ–

'ଦେଖିବ ଚାଲବାବୁ, ଏକା କ'ଣ ଏଇ ଗୁମ୍ଫା ବଳିଗୁମ୍ଫା ପାହାଡ଼ ଅଗରେ ଅଛି। ଟିକିଟିକି ହୋଇ କେତେ, ତାକୁ ସବୁ କିଏ ଖୋଳିଥିଲା। ଅଶରିରୀ ଜୀବ ସେମାନେ। ରାତିହେଲେ ଆତଯାତ ହୁଅନ୍ତି, ଏକଜୁଟ ହୋଇ ବାଜା ବଜାନ୍ତି। ଏବକାର ଖଞ୍ଜଣି ନୁହେଁ, ବହୁତ କଷ୍ଟରେ କାନଡେରିଲେ ଶୁଣିବ। ପାହାନ୍ତା ହଉହଉ ଲୁଚିଯିବେ ଓ ତୁମେ ଆସିଲାବେଳେ ତଳେ ସେ ଯେଉଁ ମାଙ୍କଡ଼ା ପଥର ଗଡ଼ଦେଖି ଆସିଲ, ତା'ର ମଣିଷ ସବୁ ଗଲେ କୁଆଡ଼େ ? ରାଣୀ ସିନା ପୁଅ ମଲାରୁ କୂଅକୁ ଡେଇଁ ପଡ଼ିଲେ, ମନ୍ତିରି, ସେନାପତି, ସଇନ, ସବୁ ଗଲେ କୁଆଡ଼େ ? ସତିଅଯୁଗର କଥା ସାଆନ୍ତେ। ସମସ୍ତେ କଳି ଆସିବା ଦେଖି ଛପିଗଲେ ଗୁମ୍ଫା ଭିତରେ। ଆମ ବାପ ଅଜା ଦେଖିଛନ୍ତି ସେମାନଙ୍କୁ। ଏବେ ତ ଘୋର କଳିକାଳ। କିଏ କ'ଣ ଠାକୁର ଗୁଡ଼ାଙ୍କୁ ମାନୁଛି ? ଏ ଧନିଆ ପାହାଡ଼ ଗୋଟିଏ ଋଷିପରା, ଅଭିଶାପ ପାଇ ପଥର ହୋଇଯାଇଚି।' ହରିଆ ବିଶ୍ୱାସ ଜନ୍ମେଇବାକୁ ଗପିଚାଲିଲା। ଧନିଆ ପାହାଡ଼ ଗୋଟାଏ ଋଷି। ବହୁତ ଦିନଧରି ମଉନ ହୋଇଯାଇଛି। ବହୁତ ଅତ୍ୟାଚର ତା ଉପରେ କରି ଯାଉଛନ୍ତି ସମସ୍ତେ। ସେ ଅଭିଶପ୍ତ। ଅଣ୍ଟାପର୍ଯ୍ୟନ୍ତ ପଥର ଖୋଳିଖୋଳି ଧଳା କରିଦେଲେଣି। ଏହି ପଥରକୁ ବୋହିନେଇ ତୋଳି ଚାଲିବେ ମହଲ। ମୁଣ୍ଡ ଉପରେ ଜଟା ପରି ମେଞ୍ଚାଏ ବଣୁଆ କଣ୍ଟା ଝାଟି ରହିଛି। ତା ଉପରେ ବି ବସୁଚି ଗ୍ରେଟ। ଧଳା ପାହାଡ଼ ଉପରେ କଳା କଳା ଛୋଟବଡ଼ ପଥର ଗଡୁଛନ୍ତି ଚାରିଆଡ଼େ। ତଳେ ବରକୋଳିକଣ୍ଟା, କାନକୋଳି କଣ୍ଟା, ଏମିତି କେତେଟା ବୁଦା ଏଠିସେଠି, ଖରାଦିନେ ତା'ରି ସେକଡ଼ରେ ସୂର୍ଯ୍ୟ ଲୁଚିଯାଆନ୍ତି ବା ଆରପଟ ଲୋକଙ୍କ ପାଇଁ ତା'ରି ଏ କଡ଼ରୁ ସୂର୍ଯ୍ୟ ଉଠନ୍ତି। ବର୍ଷାଦିନେ ଲଟିଖାଏ ବଉଦ। ବର୍ଷାହେଲେ ଧାରଧାର କରି ବହିଯାଏ ପାଣି, ବର୍ଷଟା ଯାକ ପାଖ ଗାଁର ଗୋରୁଦଳ, ଛେଳିପଲ ଆସିବେ ଚରିବାକୁ ଦିନଯାକ। ରାତିହେଲେ ଶିଆଳ ହେଟା ଖେଁ ଖାଁ ହୋଇ ଘୁରିବୁଲିବେ। "ତଳେ ଯଉଁ ପୋଖରୀ ନାଇଁ ତା'ରି ଭିତରେ ନିବୁଜ ଘର ଭିତରେ ପରା ଯୁବରାଜଙ୍କୁ ବାଘ ଖାଇଥିଲା। ପୋଖରୀ ଚାରିପାଖଯାକ କୋଠାବାଡ଼ି ସବୁଥିଲା। ଚିତରଭିତରୁ ବାଆରି ଆସିଲା ବାଘ। ଦଇବ ଲିଖନ," ହରିଆ ଦୀର୍ଘ ନିଶ୍ୱାସ ପକେଇଲା।

ସଞ୍ଜହୋଇ ଯାଉଛି, ପବନ ଜୋର୍‌ରେ ବହିବାକୁ ଆରମ୍ଭ କଲାଣି। ତଳେ ବିଛେଇ ହୋଇଗଲାଣି ଧନିଆ ପାହାଡ଼ର ଛାଇ। ପାଇକରାପୁର ଘୋଡ଼େଇ ହୋଇ ପଡ଼ିଲାଣି। ଗାଇପଲ ଓହ୍ଲେଇ ଯାଉଛନ୍ତି ତଳକୁ, ଟିକେଟକେ ଥଣ୍ଡା ବି ଲାଗିଲାଣି।

"ଏଇ ଶୁଣ ବାବୁ, ଭଲକରି ଶୁଣ, ବିଶ୍ୱାସ କରୁନଥିଲ ପରା; ଶୁଣ କେମିତି ଖଞ୍ଜଣି ବଜଉଚନି' ହରିଆ କାନଡେରି ଶୁଣେଇ ଦେଲା ଐଆସପଟ ଗୁମ୍ଫା ଭିତରକୁ- ବଡ଼ ଅସ୍ପଷ୍ଟ ଅଥଚ ଲଳିତ ସେ ସ୍ୱର। ଦଲକାଏ ଲେଖା ପବନ ଗୁମ୍ଫା ଭିତରକୁ ପଶିଯାଇଁ ବିଭିନ୍ନ ପ୍ରକାରର ସ୍ୱର ଜନ୍ମାଉଛି। ଆକୁଇ ସେମାନେ କହନ୍ତି ଖଞ୍ଜଣି, ସତ୍ୟଯୁଗର ଖଞ୍ଜଣି-ଏମାନେ କହିଲେ ଶୁଣିବେନି।

"ତୁମେ ବାବୁ ହସୁଚ କ'ଣ ମ! ଚାଲିଲ ଘରକୁ। ତାଙ୍କର ବାହାରିବା ବେଳ ହୋଇ ଯାଉଛି। ତୁମେ ରାତିରେ ଡରିବ, ବଡ଼ ବାବୁ ଶୁଣିଲେ ରାଗ କରିବେ। ଚାଲ ଅଭର ଖଣି ପୋଖରୀ କୂଳରେ ଦେଖିବ। ଅଭରବି ଗୋଟେଇନବ। ତୁମ କଟକ ସହରରେ ଧୋବାଙ୍କୁ ଦେଲେ ଭାରି ଖୁସି ହେବେ। ଚାଲ ମୁଁ ତୁମକୁ ପଛକେ ମେଞ୍ଚାଏ ଗୋଟେଇ ଦେବି। ଅନ୍ଧାର ହୋଇଯାଉଛି। ଚାଲ।" ହରି ମଳିକ ଓହ୍ଲେଇଯିବାକୁ ବାଧ କଲା।

'ବାଆ' - ପଛରେ କିଏ ଡାକିଲା। ଏ କିଛି ନୂଆ ନୁହେଁ। ଅଭାବ ଅସୁବିଧାର ଦୁନିଆରେ କଠାଏ ବିଡ଼ି ସେମାନଙ୍କ ପାଇଁ ଯଥେଷ୍ଟ। ଏମିତି କେତେ କଜିଆ ଲାଗେ, ପୁଣି ମନକୁ ଯୋଡ଼ି ହୋଇଯାଏ। କେହି ହିସାବ ରଖିନି। ଧନିଆ ପାହାଡ଼ ତଳି ଏ ଗାଁ ଖଣ୍ଡରେ ଏମିତି ସବୁଗୁଡ଼ିକ ମଣିଷ କଜିଆ କରିବସନ୍ତି। ତୁଟେଇ ଦିଅନ୍ତି। ତଥାପି କେହି କାହାକୁ ଅପେକ୍ଷା କରେନି। ମଣିଷ ଆଗେଇ ଯାଏ। ତା'ର ପଲବଢ଼େ। ଏମିତି କେତେଦିନ ତଳେ କିଏ ହୁଏତ ଆଣି ଥାପିଦେଇଥିବ ପାଇକରାପୁର। ହୁଏତ ପାଇକରାମଳିକର ଏ ପୁର। କିଏ କୋଉଠି ଲୁଚିଲାଣି ଆଜି ତାରି ବଉଁଶକୁ ତୋଳି ଧରୁଛନ୍ତି ହରିଆର ପୁଅ ପାଣୁଆ, ପାଣୁଆର ପୁଆ ଶାମା - ଏମିତି ଲାଗିଥିବ। କେବଳ ଜଣେ ଦେଖୁଥିବ ସେମିତି ମଉନ ଭାବରେ। ଏହି ଧନିଆ ପାହାଡ଼।

*

ଡାକ୍ତର ବିଜୟ କୁମାର ନନ୍ଦ
ବଜ୍ରକବାଟୀ ରୋଡ଼, କଟକ-୧
ଫୋନ୍- ୦୬୭୧-୨୩୧୧୨୩୧




ଆଞ୍ଚଳିକ

## ପ୍ରଦୂଷଣ ନିୟମକୁ ବାରିପଦା ପୌରପରିଷଦ ପକ୍ଷରୁ ଫୁ

# ଜିଲ୍ଲାର ବହୁ ବ୍ଲକରେ ଗଢିଉଠିଛି ବେନିୟମ ଇଟାଭାଟି







**ବାରିପଦା (ଏନ୍.ଏମ୍.) :** ବାରିପଦା ରେ ବଢୁଥିବା ବାୟୁପ୍ରଦୁଷଣ କୁ ନଜରରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ କଟକଣା ଜାରୀ କରାଯାଇଛି । ଏହି କଟକଣା ଜାନୁଆରୀ ୬ତାରିଖରୁ ବାରିପଦା ମ୍ୟୁନିସିପାଲିଟି ସମେତ ଜିଲ୍ଲାର ସମସ୍ତ ଏନ୍ଏସି, ପୌରାଞ୍ଚଳରେ ଆଗାମୀ ୭ ଦିନ ଅର୍ଥାତ ଜାନୁଆରୀ ୧୨ତାରିଖ ଯାଏଁ ବଳବତ୍ତର ରହିବ । ବାରିପଦା ସହର ସମେତ ଜିଲ୍ଲାର ଅନ୍ୟ ସମସ୍ତ ସହରାଞ୍ଚଳରେ ଭାରୀଯାନ ତଥା ଟ୍ରକ୍ ପ୍ରବେଶ ସଂପୂର୍ଣ୍ଣ ନିଷିଦ୍ଧ କରାଯାଇଛି । ବିନା ପାଲରେ ଟ୍ରକ୍‌ଗୁଡ଼ିକୁ ଜାତୀୟ ରାଜପଥ, ରାଜ୍ୟ ରାଜପଥରେ ଚଳାଚଳ କରିପାରିବ ନାହିଁ । ଆବର୍ଜନା ଜଳାଇବା, ଡାବାରେ କୋଇଲା ଜଳାଇବା ଏବଂ ଯେକୌଣସି ପ୍ରକାର ଖୋଲାରେ ନିଆଁ ଜାଳିବାକୁ ସଂପୂର୍ଣ୍ଣ ନିଷିଦ୍ଧ କରାଯାଇଛି । ହେଲେ ସର୍ବସମ୍ମୁଖରେ ବାରିପଦା ପୌରପରିଷଦ ଅଧିନରେ ରହିଥିବା ରଘୁନାଥପୁର ସ୍ଥିତ 'ବର୍ଜ୍ୟବସ୍ତୁ ସଂଗ୍ରହ କେନ୍ଦ୍ର'ରେ ଦିନରାତି ନିଆଁଲାଗି ଧୂଆଁ ବାହାରୁଥିବା ବେଳେ ସ୍ଥାନୀୟ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି । ସହରର ସମସ୍ତ ଅଳିଆ ବର୍ଷ ବର୍ଷ ଧରି ସେଠାରେ ପକାଯାଉଥିବା ବେଳେ ଭଙ୍ଗାପ୍ଲାଷ୍ଟିକ ଓ ଜରି ଗୋଟାଳିଙ୍କ ସେଠାରେ ଭିଡଲାଗେ । କିଛିଦିନ ହେବ ସେଠାରେ ନିଆଁଲାଗିବା ସହ ପୁରା ଅଞ୍ଚଳଟିକୁ ଧୂଆଁରେ ଢାଙ୍କି ପ୍ରଦୂଷିତ କରୁଥିବା ଲୋକମାନେ ଅଭିଯୋଗ କରୁଛନ୍ତି । ସବୁଠାରୁ ବଡକଥା ହେଲା ସେଠାରେ ପୌରପରିଷଦ କର୍ମଚାରୀ ଥାଇ ସୁଦ୍ଧା ପ୍ରଦୂଷଣ ପାଇଁ ଜାରୀ ହୋଇଥିବା କଟକଣାକୁ କିପରି ଉଲଂଘନ କରିଛନ୍ତି ତାକୁ ନେଇ ସହରବାସୀ ପ୍ରଶ୍ନ ଉଠାଇଛନ୍ତି । ଅନ୍ୟପଟେ ଏନେଇ ପ୍ରତିକ୍ରିୟା ରଖିଛନ୍ତି ବାରିପଦା ନଗରପାଳ କୃଷ୍ଣାନନ୍ଦ ମହନ୍ତି । ସହରରେ ସଫେଇ କର୍ମଚାରୀଙ୍କୁ ନିଆଁ ନଜଳାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ସେଠାରେ ଜରିଗୋଟାଇବା ପାଇଁ ଯାଉଥିବା କିଛି ଲୋକ ନିଆଁ ଲଗାଉଛନ୍ତି ବୋଲି ଆମେ ସୂଚନା ପାଇଥିଲୁ ଏବଂ ତାକୁ ଲିଭାଯାଇଥିଲା ମଧ୍ୟ । ହେଲେ ଏବେ ପୁଣିଥରେ ନିଆଁ ଲାଗିଥିବା ଜାଣିବାକୁ ପାଇଲୁ । ଖୁବଶୀଘ୍ର ସେଠାକୁ ପାଣି ଟେଙ୍କର ପଠାଯାଉଛି ଓ ନିଆଁ ଲିଭାଇବା ବନ୍ଦୋବସ୍ତ କରାଯାଉଛି । ଆଗକୁ ସେଠାରେ ପ୍ରଦୂଷଣ ନବଢିବା ପାଇଁ ସମ୍ପୂର୍ଣ୍ଣ ଧାନ ଦିଆଯିବ ବୋଲି କହିଛନ୍ତି ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି । ଏପଟେ ବେନିୟମ ଭାବେ ଗଢି ଉଠିଛି ଇଟାଭାଟି । ଯେଉଁଠି ପାରିଲେ ଇଟାଭାଟା ମାଲିକ ମାନେ ମନ ଇଛା ଇଟା ଭାଟି ନିର୍ମାଣ କରି ନିଆଁ ଲଗାଉଛନ୍ତି । ପ୍ରଶାସନ ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଥିବା ବେଳେ ମାଫିଆ ମାନେ ହେଉଛନ୍ତି ମାଲେମାଲ । ଏଥିପ୍ରତି ପ୍ରଶାସନ ପାଖରୁ ଅନୁମତି ମଧ୍ୟ ତାଙ୍କର ଦେଖାଯାଉ ନାହିଁ । ମୟୁରଭଞ୍ଜ ଜିଲ୍ଲାର ବାରିପଦା, କୁଳିଅଣା, ଖୁଣ୍ଟା, ଉଦଳା, ବାଙ୍ଗିରିପୋଷି କତରା ଓ ବୁଢ଼ାବଳଙ୍ଗ ନଦୀ କୂଳରେ ଗଢି ଉଠିଛି ବେନିୟମ ଇଟାଭାଟି । ସତରେ ଯେମିତି ଏମାନଙ୍କୁ ପ୍ରଶାସନ ସହଯୋଗ କରୁଛନ୍ତି ସେଭଳି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଶୁନ ମଧ୍ୟ ଦେଖାଯାଇଛି । ଏଥିପ୍ରତି ମୟୁରଭଞ୍ଜ ଜିଲ୍ଲା ପ୍ରଶାସନ ଦୃଷ୍ଟି ପଡୁ ବୋଲି ସାଧାରଣ ଜନତା ଦାବି କରିଛନ୍ତି ।

# ଆଞ୍ଚଳିକସ୍ତରୀୟ ଦ୍ୱିତୀୟ ଦିବସ ଶିକ୍ଷଣ ସାମଗ୍ରୀ କର୍ମଶାଳା




**ମାଲକାନଗିରି(ଏନ୍.ଏମ୍.) :** ମାଲକାନଗିରି ବ୍ଲକ ଅନ୍ତର୍ଗତ ଗୌଡଗୁଡ଼ା କ୍ଲଷ୍ଟର ନିଳିମାରି ଆଶ୍ରମ ବିଦ୍ୟାଳୟରେ ସି.ଆର.ସି.ସି. ରଞ୍ଜିତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ତିନି ଦିନିଆ ଶିକ୍ଷଣ ସାମଗ୍ରୀ କର୍ମଶାଳାର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନିରୀକ୍ଷକ ଭାବେ ବି. ଆର. ସି. ସି. ଗୌରାଙ୍ଗ ସାଜନ ଏବଂ ଏ. ବି. ଓ. ଅଶ୍ୱିନୀ ମାଝୀ ଉପସ୍ଥିତ ହୋଇ ନିମ୍ନ ମୂଲ୍ୟରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ଉପଦେଶ ଦେଇଥିଲେ । ଗବେଷକ ଗଣେଶ ଚନ୍ଦ୍ର ଜେନା ଓ ମନୋରଞ୍ଜନ ସେଠୀ ଯୋଗଦେଇ ଅଭିନବ ଢ଼ଙ୍ଗରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବାର କୌଶଳ ଶିଖାଇଥିଲେ । ଏହି କାର୍ଯ୍ୟକ୍ରମର ଏହି ପଞ୍ଚାୟତର ୧୫ ଗୋଟି ବିଦ୍ୟାଳୟରୁ ୧୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ବିନର୍ଭା ରାଉତ, ଶ୍ରୀତିସ୍ମିତା ଜୟସିଂ, ଜୟଶ୍ରୀ କୁମାରୀ ସୁଆର, ନନ୍ଦିନୀ ପ୍ରଧାନ, ପ୍ରଜ୍ଞା ପରିମିତା ନାୟକ, ଚାନ୍ଦିନୀ ବର୍ଦ୍ଧା, ମୋତି ନାୟକ, ଗୌରିପ୍ରଭା ମହାରଣା, ଦିବ୍ୟଜ୍ୟୋତି ପରିଡ଼ା, ରୁଦ୍ର ମାଧବ ମେହେର ଯୋଗଦେଇ ବିଭିନ୍ନ ପ୍ରକାରର ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ । ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୀରା ମାଡ୍ରୀ ସମସ୍ତଙ୍କୁ ପ୍ରଶଂସା କରି ଧନ୍ୟବାଦ୍ ଦେଇ ସଭାକୁ ସାଙ୍ଗ କରିଥିଲେ ।

## ପ୍ରବଳ ବିରୋଧ ସତ୍ତ୍ୱେ ଅନୁଷ୍ଠିତ ହେଲା ଜନସୁଣାଣି

# ମତ ରଖିବାକୁ ବଞ୍ଚିତ ନେଇ ଅସନ୍ତୋଷ ବିସ୍ଥାପିତ ଗ୍ରାମବାସୀ

**ରାଉରକେଲା (ଏନ୍.ଏମ୍.) :** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ଘୋଘର ପାଲି ଠାରେ ଜାନୁଆରୀ ୯ତାରିଖ ଶୁକ୍ରବାର ଦିନ ଘୋଘରପାଲି କୋଇଲା ଖଣି ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡିଶା ସରକାର ପକ୍ଷରୁ ମେସର୍ସ ଦେବାନ୍ତ ଲିମିଟେଡ୍ ଙ୍କ୍ୱାରା ଘରପାଲି, ଲଟାପାଣି, ଭୋଗ୍ରାବଛାର, ମୁଣ୍ଡେଲଖେତ, ପୋଡାଜଳଙ୍ଗ, ବିଲେଇମୁଣ୍ଡା ଏବଂ ଛତାବର ଏହାର ଡ୍ରିପ୍ ଏକ୍ସଟେସନ୍ କୋଇଲା ଖଣି (କ୍ଷମତା ୯୦ ଏମଟିଏପି), ଖଣି ଅଞ୍ଚଳ ୧୪୧୮.୫୯୫ ହେକ୍ଟର ପରିବେଶୀୟ ମଞ୍ଜୁରୀ ପାଇଁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡିଶା ସରକାର ପକ୍ଷରୁ ସର୍ବସାଧାରଣ ଜନସୁଣାଣି ହୋଇଥିଲା । ପଞ୍ଚମ ଅନୁସୂଚିତ ଅଞ୍ଚଳରେ ଗ୍ରାମସଭାକୁ ଅବମାନନା କରି କମ୍ପାନୀ ଓ ସରକାର ଜମି ଅଧିଗ୍ରହଣ କରିଥିବାର ପ୍ରୟାସ କରିବାକୁ ଲୋକେ ଏହାକୁ ବିରୋଧ କରିବା ସହ ଗ୍ରାମରେ ପଲ୍ଲୀ ସଭା କି ଗ୍ରାମ ସଭା ନକରି ସିଧା ସଳଖ ପରିବେଶ ସମ୍ବନ୍ଧୀୟ ଜନଶୁଣାଣିକୁ କରୁଥିବାରୁ ଏହାକୁ ପ୍ରବଳ ବିରୋଧୀ କରିବାଛନ୍ତି । ଏହା ସହ କିଛି କମ୍ପାନୀ ସମର୍ଥିତ ବ୍ୟକ୍ତି ମାନଙ୍କୁ ନେଇ ଜନସୁଣାଣି କରାଯାଇଥିଲା ଓ ବିପକ୍ଷବାଦୀ ବିସ୍ଥାପିତଙ୍କୁ ପୋଲିସ ଦ୍ୱାରା ଅଟକାଇ ମତ ପ୍ରଦାନରୁ ବଞ୍ଚିତ କରିଥିବାରୁ ଯାହାକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ବେଦାନ୍ତ ଗୋ ବେକ କହି ନାରାବାଜି କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଓ ବିଭିନ୍ନ ଅଧିକାରୀଙ୍କ ଗାଡ଼ି ସମ୍ମୁଖରେ ଧାରଣା ଦେଇ ଆମକୁ ମତ ପ୍ରଦାନର ସୁଯୋଗ ଦିଅନ୍ତୁ ଏବଂ ଜନଶୁଣାଣୀକୁ ବାତିଲ କରିଯାଉ ବୋଲି ଦାବି କରିଥିଲେ ।



ଜନଶୁଣାଣି ପରେ ଲୋକେ ଏଡିଏମଙ୍କ ଗାଡି ଆଗରେ ଧାରଣା ଦେବା ସହ ଗାଡ଼ି ଛାଡ଼ି ନଥିଲେ ଯଦ୍ୱାରା ବିସ୍ଥାପିତ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ତେବେ ଏହି ଜନସୁଣାଣିକୁ ବିସ୍ଥାପିତ ଲୋକେ ଖାରଜ କରିବା ସହ କମ୍ପାନୀକୁ ଜମି ପ୍ରଦାନ କରିବାରେ ନାରାଜ ସୋଇଛନ୍ତି । ଏହି ଅବସରରେ ଆରଓ ହିରଣ୍ୟ କୁମାର ନାଏକ, ଏଡିଏମ୍ ଅଭିମନ୍ୟୁ ମାଝି, ଏସଡିପିଓ ନିର୍ମଳ କୁମାର ମହାପାତ୍ର, ହେମଗିର ତହସିଲ ଦାର ସାରିକାରାଣୀ ଧମେଲ, ହେମଗିର ବିଡ଼ିଓ ରିନା ନାଏକ, ଆଇଆଇସି ମନୋରଞ୍ଜନ ବିଶି, ମୁଣ୍ଡରକ୍ଷେତ ସରପଞ୍ଚ ସନ୍ୟାସୀ ବାଗ, ବିସ୍ଥାପିତ ନେତା ଗଜେନ୍ଦ୍ର ନାଏକ, ସୁକଦେବ ପ୍ରଧାନ, ମୁଣ୍ଡରକ୍ଷେତ ସମିତି ସଭ୍ୟ ମାଧବ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

# ପୁରୁଷୋତ୍ତମପୁର ଅବକାରୀ ବିଭାଗ ଦ୍ୱାରା ଚୋରା ମଦ ଧରପଗଡ଼ ୩ ଆସାମୀ ଗିରଫ




**ପୁରୁଷୋତ୍ତମପୁର(ଏନ୍.ଏମ୍.) :** ଓଡିଶା ସରକାରଙ୍କ ଦ୍ୱାରା ନିର୍ଧାରିତ ୨୫ ଡ଼ିସେମ୍ବର ଠାରୁ ୧୫ ଜାନୁଆରୀ ପର୍ଯ୍ୟନ୍ତ ୨୧ ଦିନିକିଆ ଏକ ସ୍ପେସିଆଲ ଡ୍ରାଇଭି ଅବକାରୀ ବିଭାଗ ଦ୍ୱାରା ମଦ ଧର ପଗଡ଼ ଚାଲିଛି । ଏବଂ ତାର ପ୍ରଭାବରେ ଗତ ଗୁରୁବାର ଏବଂ ଶୁକ୍ରବାର ୨ଦିନ ଧରି ସୁପରିଟେଣ୍ଡେଣ୍ଟ ଅମରେନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶରେ ପୁରୁଷୋତ୍ତମପୁର ଅବକାରୀ ବିଭାଗର ଭାରପ୍ରାପ୍ତ ଅଧିକାରୀ ଦେବାଶିଷ ମହାପାତ୍ର ଏବଂ ତାଙ୍କ ଷ୍ଟାଫ ପ୍ରଫୁଲ୍ଲ ସବର, ଜଗତ ପାତ୍ର ଓ ଲିଙ୍ଗରାଜ ମଲ୍ଲିକଙ୍କ ମିଳିତ ଚଢ଼ାଉରେ ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ବାଲିଆ ଏବଂପ୍ରତାପପୁର ଗ୍ରାମ ଅଞ୍ଚଳରେ ଅତର୍କିତ ଚଢ଼ାଉ କରି ତିନିଜଣ ଆସାମୀଙ୍କୁ କାବୁ କରିବାରେ ସଫଳତା ହାସଲ କରିଛନ୍ତ । ତାଙ୍କ ନିକଟରୁ ୧୧୦ ଲିଟର ହାତରନ୍ଧା ଦେଶୀ ମଦ ଜବତ କରାଯାଇଛି । ଗିରଫ ଆସାମୀ ମାନେ ହେଲେ ବେଢ ଗ୍ରାମର ଦଣ୍ଡପାଣି ଗୌଡ଼, ସନ୍ତୋଷ କୁମାର ସ୍ୱାଇଁ ଏବଂ ବଡ଼ଚକଡା ଗ୍ରାମର ମିଟୁ ଗୌଡ଼ । ଅବକାରୀ ବିଭାଗ ପକ୍ଷରୁ ଏକ କେଶ ନଂ- ୯୭/୯୮/୯୯/୨୦୨୫-୨୬ ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ବ୍ଲକ୍ ସ୍ତରୀୟ 'ବନ୍ଦେ ମାତରଂ' ପ୍ରଶିକ୍ଷଣ ଶିବିର




**ଚନ୍ଦ୍ରପୁର(ଏନ୍.ଏମ୍.) :** ରାୟଗଡ଼ା ଜିଲ୍ଲାର ଚନ୍ଦ୍ରପୁର ବ୍ଲକ ଅନ୍ତର୍ଗତ ସରକାରୀ ଏସ ଏସ୍ ଡ଼ି ଉଚ୍ଚ ବିଦ୍ୟାଳୟ ପରିସରରେ ଓ ସରକାରୀ ଏସ ଏସ୍ ଡ଼ି ଉଚ୍ଚ ବିଦ୍ୟାଳୟ ଡାଙ୍ଗସୋରଡା ଠାରେ ବ୍ଲକ ସ୍ତରୀୟ 'ବନ୍ଦେ ମାତରଂ' ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଚନ୍ଦ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟକାନ୍ତ ବଙ୍ଗାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ରୀତମ ପୁରିତ ଓ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଉମାକାନ୍ତ ମିଶାଲ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି ଅନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ଏସ ଏସ୍ ଡ଼ି ଉଚ୍ଚ ବିଦ୍ୟାଳୟ ଚନ୍ଦ୍ରପୁରର ବରିଷ୍ଠ ଶିକ୍ଷକ ପ୍ରଦୀପ ଚୈଧୁରୀ ପରିଚାଳନା କରିଥିଲେ । ଏହି ପ୍ରଶିକ୍ଷଣ ଶିବିରକୁ ତିନି ଜଣ ସମ୍ବଳ ଶିକ୍ଷକ ହେମନ୍ତ କୁମାର ମଲ୍ଲିକ, କୈଳାସ ଶବର ଓ ଶତ୍ରୁଘନ ସାହୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ଚନ୍ଦ୍ରପୁର ବ୍ଲକର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ମାଧମିକ ବିଦ୍ୟାଳୟ ସହିତ ସମସ୍ତ ଏସ୍ ଏସ୍ ଡ଼ି ର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପ୍ରଶିକ୍ଷଣ ନେଇଥିଲେ । ଏସ୍ ଏସ୍ ଡ଼ି ଉଚ୍ଚ ବିଦ୍ୟାଳୟ ଡାଙ୍ଗସୋରଡାର ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ପଟ୍ଟନାୟକ ଉଦଯାପିତ ଘୋଷଣା କରିଥିଲେ ।

# ରାଜ୍ୟପାଳଙ୍କୁ ଦକ୍ଷିଣ ଓଡିଶା ବିକାଶ ଗୋଷ୍ଠୀର ଦାବି ପତ୍ର ଦେଲେ ସଂଯୋଜକ ବାଳକୃଷ୍ଣ ପଣ୍ଡା




**ବ୍ରହ୍ମପୁର(ଏନ୍.ଏମ୍.) :** ଓଡିଶାର ମହାମହିମ ରାଜ୍ୟପାଳଙ୍କ ବାସଭବନ ରାଜଭବନ ଶ୍ରୀ ହରି ବାବୁ କାମ୍ଭମ୍ପତିଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ବ୍ରହ୍ମପୁର ନିକଟରେ ଏକ ଗ୍ରୀନଫିଲ୍ଡ ବିମାନବନ୍ଦର ପ୍ରତିଷ୍ଠା ସମ୍ମାନିତ ସାର୍, ଦକ୍ଷିଣ ଓଡ଼ିଶା ବିକାଶ ଗୋଷ୍ଠୀ (ସଂଯୁକ୍ତ କାର୍ଯ୍ୟ କମିଟି) - ଯାହା ୬୨ ରୁ ଅଧିକ ନାଗରିକ ସମାଜ ସଂଗଠନର ଏକ ସମନ୍ୱୟ, ପକ୍ଷରୁ ମୁଁ ଏହି ପ୍ରତିନିଧିତ୍ୱ ଦାଖଲ କରିବାର ଗୌରବ ଅନୁଭବ କରୁଛି । ଆମର ଦୃଷ୍ଟିକୋଣ 'ତିନି ହେଉଛି' ଉପରେ କେନ୍ଦ୍ରିତ : ଭିତ୍ତିଭୂମି, ଶିଳ୍ପ ଏବଂ ଜଳସେଚନ । ଏହି ପ୍ରସ୍ତାବ ବର୍ଷ ବର୍ଷର କଠୋର ବିଚାର ବିମର୍ଶ ଏବଂ ଏକ ତୃଣମୂଳ ସ୍ତରୀୟ 'ଜନ ଜାଗରଣ' ଆନ୍ଦୋଳନର ପରିଣାମ । ଜୁନ୍ ୧୩ ଏବଂ ୧୪, ୨୦୨୫ ରେ, ଆମେ ବ୍ରହ୍ମପୁରରୁ ଫୁଲବାଣୀ ପର୍ଯ୍ୟନ୍ତ 'ବିକାଶ ରଥ ଯାତ୍ରା' ଆୟୋଜନ କରିଥିଲୁ, ନଦୀ ସଂଯୋଗୀକରଣ ଏବଂ ଦକ୍ଷିଣ ଓଡ଼ିଶାର ଭବିଷ୍ୟତକୁ ପରିଭାଷିତ କରୁଥିବା ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ ପାଇଁ ପ୍ରଚୁର ଜନସମର୍ଥନ (ଜନ ସମର୍ଥନ) ପାଇଥିଲୁ । ହସ୍ତକ୍ଷେପ ପାଇଁ ଜଟିଳ ଆବଶ୍ୟକତା । ଗଞ୍ଜାମ, ଗଜପତି, ନୟାଗଡ଼ ଏବଂ ଖୋର୍ଦ୍ଧା ଜିଲ୍ଲା ବର୍ତ୍ତମାନ ଏକ ଗୁରୁତର ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି । ବ୍ରହ୍ମପୁରରେ ଚିରସ୍ଥାୟୀ ପାନୀୟ ଜଳ ଚ୍ୟାଲେଞ୍ଜଠାରୁ ଆରମ୍ଭ କରି ଗୋପାଳପୁର ନିକଟରେ ବଢୁଥିବା ଶିଳ୍ପ କରିଡରର ଜଳ ଆବଶ୍ୟକତା ପର୍ଯ୍ୟନ୍ତ, ଏହି ଅଭାବ ଅଭିବୃଦ୍ଧିକୁ ବାଧା ଦେଉଛି । ଏହି ଅଞ୍ଚଳଗୁଡ଼ିକରେ କୃଷି ବିପଦପୂର୍ଣ୍ଣ ରହିଛି, ଯାହା ଫଳରେ ଆମର ଚାଷୀମାନେ ଅନିୟମିତ ବର୍ଷାର ଶିକାର ହେଉଛନ୍ତି । ଇଣ୍ଟିଗ୍ରେଟେଡ୍ କନେକ୍ଟିଭିଟି ପାଇଁ ଏକ ଦର୍ଶନ । ଆମେ ପାରାଦୀପ ଏବଂ ତାଳଚେରରୁ ଋଷିକୂଲ୍ୟା ଦେଇ ବାହୁଦା ନଦୀ ପର୍ଯ୍ୟନ୍ତ ଜାତୀୟ ଜଳପଥ-୫ ର ସମ୍ପ୍ରସାରଣ ପ୍ରସ୍ତାବ ଦେଉଛୁ । ଏହି ଲିଙ୍କଟି ହେବ :
ଏକ ଲଜିଷ୍ଟିକ୍ସ ପାୱାରହାଉସ୍ ସୃଷ୍ଟି କରନ୍ତୁ : କମ ଖର୍ଚ୍ଚରେ ଜଳ ପରିବହନ ମାଧ୍ୟମରେ ତାଳଚେର କୋଇଲା କ୍ଷେତ୍ର ଏବଂ ପାରାଦୀପ ବନ୍ଦରକୁ ସିଧାସଳଖ ଗୋପାଳପୁର ଏବଂ ନୂତନ ଭାବରେ ମଞ୍ଜୁର ହୋଇଥିବା ବାହୁଡା ବନ୍ଦର ସହିତ ସଂଯୋଗ କରନ୍ତୁ । ସମ୍ବଳ ସୁରକ୍ଷା ସୁନିଶ୍ଚିତ କରନ୍ତୁ : ଜଳସେଚନ ନେଟୱାର୍କଗୁଡ଼ିକୁ ପୁନଃଚାର୍ଜ କରିବା ସମୟରେ ପାନୀୟ ଏବଂ ଶିଳ୍ପ ଜଳର ଏକ ସ୍ଥିର ଯୋଗାଣ ଯୋଗାଇ ଦିଅନ୍ତୁ । ସବୁଜ ଶକ୍ତି ଏବଂ ଅର୍ଥନୀତିକୁ ପ୍ରୋତ୍ସାହିତ କରନ୍ତୁ : ଭାସମାନ ସୌରଶକ୍ତି ଉତ୍ପାଦନକୁ ସକ୍ଷମ କରନ୍ତୁ, ଆଭ୍ୟନ୍ତରୀଣ ମତ୍ସ୍ୟଚାଷକୁ ପ୍ରୋତ୍ସାହିତ କରନ୍ତୁ, ଏବଂ ଏକ ସକ୍ରିୟ ପର୍ଯ୍ୟଟନ ସର୍କିଟ୍ ସୃଷ୍ଟି କରନ୍ତୁ । ଏହି ଉଦ୍ଦେଶ୍ୟ ପ୍ରତି ମୋର ଉତ୍ସର୍ଗ ଗଭୀର । ତତ୍କାଳୀନ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ସୁଶ୍ରୀ ଉମା ଭାରତୀଙ୍କ ସ୍ୱତନ୍ତ୍ର ଦାୟିତ୍ୱ ଅଧିକାରୀ (ଓଏସଡି) ଭାବରେ କାର୍ଯ୍ୟକାଳ ମଧ୍ୟରେ, ମୁଁ ୨୦୧୫ ରେ ଏହି ପରସ୍ପର ସଂଯୋଗ ପାଇଁ ଏକ ଦ୍ୱିପାକ୍ଷିକ ସହମତି ଗଠନ କରିବା ପାଇଁ ଅକ୍ଲାନ୍ତ ପରିଶ୍ରମ କରିଥିଲି । ଏହି ପ୍ରକଳ୍ପ କିପରି ରାଜନୈତିକ ସୀମା ଅତିକ୍ରମ କରେ ତାହା ପ୍ରଦର୍ଶନ କରିବା ପାଇଁ ମୁଁ ବ୍ୟକ୍ତିଗତ ଭାବରେ ସଂସଦ ସଦସ୍ୟ ଏବଂ ବିରୋଧୀ ଦଳ ନେତାଙ୍କ ସହିତ ଯୋଗାଯୋଗ କରିଥିଲି । ଜାତୀୟ ଜଳ ବିକାଶ ସଂସ୍ଥା (ଏନଡବ୍ଲୁଡିଏ) ର ପ୍ରାରମ୍ଭିକ ସର୍ଭେ ଦ୍ୱାରା ସମ୍ଭାବ୍ୟତା ପୂର୍ବରୁ ସମର୍ଥିତ । ଐତିହାସିକ ଭାବରେ, ଏହି ଦୃଷ୍ଟିକୋଣକୁ ବିରଳ ସର୍ବସମ୍ମତ ସମର୍ଥନ ମିଳିଛି, ସମ୍ପ୍ରତି ଦକ୍ଷିଣ ଓଡ଼ିଶାର ବିଧାୟକମାନେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ମିଳିତ ଆବେଦନ କରି ସମାନ ଜରୁରୀତାକୁ ପ୍ରତିଫଳିତ କରିଛନ୍ତି । ବ୍ରହ୍ମଣୀ-ମହାନଦୀକୁ ଋଷିକୂଲ୍ୟା ଦେଇ ବାହୁଦା ନଦୀ ସହିତ ସଂଯୋଗୀକରଣ, ବରମୂଲରେ ଏକ ବନ୍ୟା-ପ୍ରବର୍ତ୍ତନ ବନ୍ଧ ଦ୍ୱାରା ସମର୍ଥିତ, କେବଳ ଏକ ଇଞ୍ଜିନିୟରିଂ ପ୍ରକଳ୍ପ ନୁହେଁ; ଏହା ଦକ୍ଷିଣ ଓଡ଼ିଶା ପାଇଁ ଜୀବନରେଖା । ଏହା 'ଉତ୍କର୍ଷ ଓଡ଼ିଶା' ଲକ୍ଷ୍ୟ ହାସଲ କରିବା ଏବଂ 'ବିକ୍ଷିତ ଭାରତ' ର ଦୃଷ୍ଟିକୋଣରେ ଯୋଗଦାନ ଦେବା ପାଇଁ ସବୁଠାରୁ ସମ୍ଭବ ପଥ । ଏହି ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିବା ପାଇଁ ଆମେ ମହାମହିମଙ୍କ ସଦୟ ହସ୍ତକ୍ଷେପ ପାଇଁ ଆନ୍ତରିକ ଭାବରେ ଅନୁରୋଧ କରୁଛୁ ।

# ଧାନମଣ୍ଡି ଉଦ୍‌ଘାଟନ କଲେ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ



**ବାଣପୁର(ଏନ୍.ଏମ୍.) :** ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ଅନ୍ତର୍ଗତ ଡୁମୁରପୁଟ ସେବା ସମବାୟ ସମିତି ଆନୁକୂଲ୍ୟରେ ବୁଧବାର ଦିନ ଅପରାହ୍ନରେ ଆଇନ ପୂର୍ତ୍ତ ଅବକାରୀ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ ମୁଖ୍ୟ ଅତିଥି ଓ ପୁରୀ ସାଂସଦ ଡ଼ା ସମ୍ବିତ ପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଧାନ ମଣ୍ଡି ଉଦଘାଟନ କରିଥିଲେ । ଏହି ଅବସରରେ ଅତିଥିମାନେ ଚାଷୀ ଅତ୍ୟାଧୁନିକ ପ୍ରଣାଳୀରେ ଚାଷ କରି ଅଧିକ ଉତ୍ପାଦନ କରିବା ସହ ଉତ୍ପାଦିତ ଦ୍ରବ୍ୟକୁ ଉଚିତ ଦରରେ ବିକ୍ରୀ କରିବାକୁ ସରକାର ସୁବିଧା କରିଛନ୍ତି । ସମବାୟ ସମିତି ମାଧ୍ୟମରେ ଚାଷୀ ଉନ୍ନତ ଧରଣର ବିହନ, ସାର, ଋଣ ତଥା ସରକାର ନିର୍ଦ୍ଧାରିତ କରିଥିବା ଧାନର ସହାୟକ ମୂଲ୍ୟ ୩୧୦୦ଟଙ୍କାରେ ବିକ୍ରୟ କରିବାକୁ ପରାମର୍ଶ ଦେଇଥିଲେ । ଆୟୋଜିତ ଉତ୍ସବରେ ଅନ୍ୟତମ ଅତିଥିଭାବେ ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜ, ଜିଲ୍ଲା ଯୋଗାଣ ଅଧିକାରୀ ଜ୍ଞାନ ରଞ୍ଜନ ମିଶ୍ର, ସମବାୟ ସମିତି ସମୂହ ନିବନ୍ଧକ ଅଳକାନନ୍ଦା ଜେନା, ଉପ ନିବନ୍ଧକ ଭାଗବତ ମାରଣ୍ଡି, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସମ୍ପାଦକ ସାରଥୀ ଶତପଥୀ, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ପୂର୍ବତନ ଅଧ୍ୟକ୍ଷ ମାଧବ ଦଳେଇ, ଆଇନ୍‌ଜୀବୀ ଦେବବ୍ରତ ବଡ଼ଜେନା, ସମବାୟ ସମିତିର ସଭାପତି ପ୍ରକାଶ ପଟ୍ଟନାୟକ, ସମସ୍ତ ସମବାୟ ସମିତିର ସମ୍ପାଦକ, ଦୀପକ ବେହେରା, ଈଶ୍ୱର ବେହେରା ଆଦି ବହୁ ଚାଷୀ ଓ ସମବାୟବିତ ଯୋଗ ଦେଇ ଥିଲେ ।

# କଳାକାରମାନଙ୍କୁ ସୁଲଭ ଦରରେ ପ୍ରେକ୍ଷାଳୟ ଯୋଗାଇ ଦିଆଯାଉ



**ବ୍ରହ୍ମପୁର(ଏନ୍.ଏମ୍.) :** କଳା ଓ କଳାକାର ହିତୈଷୀ 'ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ' ତରଫରୁ ବ୍ରହ୍ମପୁର ସହରର ସମସ୍ତ ସାଂସ୍କୃତିକ ଅନୁଷ୍ଠାନକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ଉତ୍କଳ ଆଶ୍ରମ ପାଠାଗାର ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାଟ୍ୟଶ୍ରୀ ଫାଉଣ୍ଡେସନ୍ ଅଧ୍ୟକ୍ଷ ଭବାନୀ ଶଙ୍କର ମିଶ୍ର, କଳାକାର ଏକତା ମଞ୍ଚ ସଭାପତି ଅନିଲ କୁମାର ପାତ୍ର ଏବଂ ବରିଷ୍ଠ ଚଳଚିତ୍ର ଅଭିନେତ୍ରୀ ଗୀତା ସ୍ୱାଇଁ ଅତିଥିଭାବେ ଯୋଗଦେଇ ସ୍ଥାନୀୟ ପ୍ରେକ୍ଷାଳୟ ଗୁଡିକର ନାଟକ ବା ସାଂସ୍କୃତିକ କାର୍ଯ୍ୟ ନିମନ୍ତେ ଚଡା ଦର ଧାର୍ଯ୍ୟ ବିରୁଦ୍ଧରେ ମତବ୍ୟକ୍ତ କରିଥିଲେ । ସରକାରୀ ଜାଗା ଏବଂ ସରକାରୀ ଅନୁଦାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ନିର୍ମିତ ପ୍ରେକ୍ଷାଳୟ ଆଜି ବ୍ୟବସାୟ କୋଠିରେ ପରିଣତ ହୋଇଥିବା ଲକ୍ଷ୍ୟ କରି ବୈଠକରେ ଉଦବେଗ ପ୍ରକାଶ ପାଇଥିଲା । ରାଜ୍ୟରେ ଥିବା ସାମାଜିକ ପ୍ରେକ୍ଷାଳୟ ଗୁଡିକ ଉପରେ ସରକାରୀ ନିୟାମକ ପ୍ରକାଶ ସହିତ ନାଟକ ବା ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ସ୍ୱଳ୍ପ ଦରରେ ପ୍ରେକ୍ଷାଳୟ ଅଗ୍ରାଧିକାର ଭିତ୍ତିରେ ଯୋଗାଇଦେବା ନିମନ୍ତେ ଦୃଢ଼ ଦାବି ଉପସ୍ଥାପନ କରାଯାଇଥିଲା । ଏଥିରେ ଖିଲାପ ହେଲେ ରାଜ୍ୟସ୍ତରୀୟ ଆନ୍ଦୋଳନ ନେଇ କଳାକାରମାନେ ପ୍ରସ୍ତୁତ ଥିବା ବୈଠକରୁ ସୂଚିତ । ମହାସଂଘ ମହାସଚିବ ସୁବାସ ଚନ୍ଦ୍ର ସାହୁ ରୋଶନ୍ ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସର୍ବଶ୍ରୀ ଅଭିରାମ ରାଉଳ, ବଳଦେବ ସାହୁ, ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ମହେନ୍ଦ୍ର କୁମାର ସାହୁ, ସରୋଜ କୁମାର ପଣ୍ଡା, ନବ କିଶୋର ମହାପାତ୍ର ପ୍ରମୁଖ ସହଯୋଗ କରିଥିବା ବେଳେ ବହୁ କଳାକାର ଉପସ୍ଥିତ ଥିଲେ । ପରିଶେଷରେ ବରିଷ୍ଠ କଳାକାର ପ୍ରଦୀପ କୁମାର ସାହୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।




## ଦାମୋଦର ମେଳା ଲାଗି ସମୀକ୍ଷା ପ୍ରସ୍ତୁତି ବୈଠକ



**ବାରିପଦା (ଏନ୍.ଏମ୍.) :** ଆଦିବାସୀ ସଂପ୍ରଦାୟ ର ମୃତ ସ୍ୱଜନ ଙ୍କ ଅସ୍ଥି ବିସର୍ଜନ ର ପର୍ବ 'ଦାମୋଦର ମେଳା'। ଯାହା ମକର ସଂକ୍ରାନ୍ତି ର ଦୁଇଦିନ ପରେ ଆରମ୍ଭ ହୁଏ। ବାରିପଦା ଉପକଣ୍ଠ ରେ ଥିବା ଜରାଳି,ସରାଳି ଓ ବୁଢ଼ାବଳଙ୍ଗ ନଦୀର ସଙ୍ଗମ ସ୍ଥଳରେ ଏହା ଅନୁଷ୍ଠିତ ହୁଏ। ପ୍ରତିବର୍ଷ ହଜାର ହଜାର ଆଦିବାସୀ ନିଜ ମୃତ ପରିବାର ଜନ ଙ୍କ ଅସ୍ଥି ବିସର୍ଜନ କରିବାକୁ ଏଠାରେ ଜମା ହୁଅନ୍ତି। ଆଜିଠାରୁ ଯାହାର ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ଆଦିବାସୀ ପରଗନା ର ଆୟୋଜକ ସଦସ୍ୟ ଙ୍କ ସହିତ ବାରିପଦା ମ୍ୟୁନିସିପାଲଟି ର ଅଧିକାରୀ ମାନେ ସେ ସ୍ଥାନ କୁ ଯାଇ କିଭଳି ସୁରୁଖୁରୁ ରେ ସମସ୍ତ ଆୟୋଜନ ହୋଇ ପାରିବ ତାହାର ସମୀକ୍ଷା କରିଛନ୍ତି। ବାରିପଦା ପୌରପରିଷଦ ର ଅଧକ୍ଷ ଓ ନିର୍ବାହୀ ଅଧିକାରୀ ନିଜେ ଯାଇ ଦାମୋଦର ମେଳାର ବିଭିନ୍ନ ବ୍ୟବସ୍ଥା ର ପୂର୍ବ ସମୀକ୍ଷା କରିଛନ୍ତି। ସେ ସ୍ଥାନରେ ବିଜୁଳି, ପାନୀୟଜଳ ସହିତ ସଫେଇ କୁ ନେଇ ସମସ୍ତ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ଆୟୋଜକ ଓ ପ୍ରଶାସନ।

## ମହାତ୍ମା ଗାନ୍ଧୀ ଜୟନ୍ତୀ କମିଟି ପକ୍ଷରୁ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟଙ୍କ ଜନ୍ମଦିନ

**ରାଉରକେଲା(ଏନ୍.ଏମ୍.) :** ମହାତ୍ମା ଗାନ୍ଧୀ ଜୟନ୍ତୀ କମିଟି ପକ୍ଷରୁ ଆଜି ସେକ୍ଟର-୯ ସ୍ଥିତ ଲଗୁନ୍ ପାର୍କ ଠାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟଙ୍କ ୭୩ତମ ଜନ୍ମଦିନ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟଙ୍କ ଜନ୍ମଦିନ ୧୯୫୪ ମସିହା ଜାନୁଆରୀ ୯ ତାରିଖ ହୋଇଥିବା ବେଳେ ତାଙ୍କ ଜନ୍ମଦିନ ଅବ୍ୟବହିତ ପୂର୍ବରୁ ଏହାକୁ ପାଳନ କରାଯାଇଛି।



ମହାତ୍ମା ଗାନ୍ଧୀ ଜୟନ୍ତୀ କମିଟିର ସଭାପତି ତଥା ସାମ୍ବାଦିକ ପ୍ରସନ୍ନ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟଙ୍କ ପୁତୁରା ତଥା ଯୁବ ଶିଳ୍ପୋଦ୍ୟୋଗୀ ନିଶିକାନ୍ତ ରାୟ, ସମ୍ମାନୀତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ତଥା ବିଶିଷ୍ଟ ସ୍ତମ୍ଭକାର ଅରବିନ୍ଦ ଦାସ, ବରିଷ୍ଠ ସାମ୍ବାଦିକ ତଥା ଦୀନ ଦୟାଲ ମେଲର ସମ୍ପାଦକ ଶିବ ଶରଣ ମିଶ୍ର, ଜର୍ଣ୍ଣାଲିଷ୍ଟସ୍ ଆସୋସିଏସନର ସମ୍ପାଦକ ଅରୁଣ ଦାଶ, ସଚେତନ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ତଥା ସମାଜସେବୀ ପି ପି ରାୟଙ୍କ ସମେତ ମହାତ୍ମା ଗାନ୍ଧୀ ଜୟନ୍ତୀ କମିଟିର ସାଧାରଣ ସମ୍ପାଦିକା ସବିତା ଖାତୁନ ଏବଂ କୋଷାଧକ୍ଷ ଚିନ୍ତା ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ମଞ୍ଚାସୀନ ସମସ୍ତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଡାଏରୀ ଦେଇ ସମ୍ବର୍ଦ୍ଧିତ କରାଯିବା ସହ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟଙ୍କ ଜନ୍ମଦିନ ପାଳନ ଅବସରରେ କେକ୍ କାଟିଥିଲେ ମୁଖ୍ୟ ଅତିଥି ତଥା ସମ୍ମାନିତ ଅତିଥି ଗଣ। ଅତିଥିମାନେ ଦିଲ୍ଲୀପ ରାୟଙ୍କ ରାଉରକେଲା ପ୍ରତି ଥିବା ଅବଦାନ ବିଷୟରେ ନିଜ ନିଜର ବକ୍ତବ୍ୟରେ କହିବା ସହିତ ତାଙ୍କର ଦୀର୍ଘାୟୁ କାମନା କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ସାମ୍ବାଦିକମାନଙ୍କୁ ଉତ୍ତରୀୟ ଓ ନବବର୍ଷର ଡାଏରୀ ଦେଇ ସମ୍ମାନିତ କରାଯାଇଥିଲା। ମହାତ୍ମା ଗାନ୍ଧୀ ଜୟନ୍ତୀ କମିଟିର ସାଧାରଣ ସମ୍ପାଦିକା ସବିତା ଖାତୁନଙ୍କ ଅନୁରୋଧ କ୍ରମେ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟଙ୍କ ମାତା ତଥା ସମାଜସେବୀ କଲ୍ୟାଣୀ ରାୟଙ୍କ ନାମରେ ଏକ ସ୍ମୃତି କମିଟି ଗଠନ ଓ ବୃଦ୍ଧା ଆଶ୍ରମ ନିର୍ମାଣକୁ ନେଇ ଏକ ବାକ୍ସରେ ଉପସ୍ଥିତ ଥିବା ସମସ୍ତ ସଦସ୍ୟମାନେ ନିଜ ନିଜର ଫର୍ମ ପୂରଣ କରି ପକାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କେଶବ ନାୟକ,ପ୍ରତିମା ଦାସ,ଏମଡି ସାଜନ,ମାର୍ଗାରେଟ ଟପ୍ପୋ,ଲିଜା, ଗୌରୀ ପ୍ରମୁଖ । ଶେଷରେ ସମ୍ପାଦିକା ସବିତା ଖାତୁନ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ସଭାପତି ଶ୍ରୀ ତ୍ରିପାଠୀ କୃତଜ୍ଞତା ଜ୍ଞାପନ କରିଥିଲେ।

## ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ

## ୧୭୮ଲିଟର ଦେଶିମଦ ଜବତ, ୪ ବ୍ୟବସାୟୀ ଗିରଫ




**ବାଲୁଗାଁ (ଏନ୍.ଏମ୍.) :** ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗୁରୁବାର ୨୭୮ ଲିଟର ଦେଶିମଦ ଜବତ କରିଥିବା ବେଳେ ଏହି ବ୍ୟବସାୟରେ ସମ୍ପୃକ୍ତ ୪ଜଣ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବାଲୁଗାଁ ଅବକାରୀ ଅଧିକାରୀ ଅଜିତ କୁମାର ପାତ୍ର ସୂଚନା ଦେଇଛନ୍ତି। ଗୁରୁବାର ସକାଳେ କୌଣସି ମତେ ଦେଶିମଦ ଚୋରା ଚାଲାଣ ହେଉଥିବା ଖବର ପାଇ ଅବକାରୀ ବିଭାଗର ଅଧିକାରୀ ଶ୍ରୀ ପାତ୍ରଙ୍କ ନେତୃତ୍ୱରେ ସଦଳବଳେ ଅନ୍ତରକିଆରି ଗାଁ ରାସ୍ତା, ଲାଠିପଡା ଗ୍ରାମ ରାସ୍ତା, ପ୍ରତାଓ ଗ୍ରାମ ରାସ୍ତା ଓ ଝିଣ୍ଟିକାପଲ୍ଲୀ ଗ୍ରାମ ନିକଟର ଚୋରା ମଦ ବ୍ୟବସାୟୀମାନେ ମଦବ୍ୟବସାୟ କରୁଥିବା ବେଳେ ବାଲୁଗାଁ ସାମନ୍ତରାପୁର ସାହିର ଗୋଲଖ ବେହେରା (୬୧), ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଛକାସିଂ ଗ୍ରାମର ଦୀପକ ଶବର ( ୨୩),ରଞ୍ଜନ ଶବର (୫୫) ଓ ରାଜୁ ଶବର(୫୧)କୁ ଗିରଫ କରିଥିଲେ । ଏ ସମ୍ପର୍କରେ କେଶ ନମ୍ବର ୨୫୩,୨୫୪,୨୫୫ ଓ ୨୫୬ ନମ୍ବରରେ କେଶ କରି ଆଜି କୋର୍ଟ ଚାଲାଣ କରାଯାଇଛି ।ଏହି ଦେଶିମଦର ଆନୁମାନିକ ୩୭ହଜାର ଟଙ୍କା ହେବ ବୋଲି ଅଧିକାରୀ ଶ୍ରୀ ପାତ୍ର କହିଛନ୍ତି। ଏହି ଚଢ଼ାଉରେ ଏସଆଇ ମୀନକେତନ ମହାଲିକ ,କନେଷ୍ଟବଲ ଅଶେଷ କୁମାର ପ୍ରଧାନ, ରଞ୍ଜିତ ପଟେଲ ଓ ସୁନିତା ମହାରଣା ପ୍ରମୁଖ ସାମିଲ ହୋଇଥିଲେ ।

## ଚିଲିକାରେ ନୌକା ପ୍ରତିଯୋଗିତା ଉଦ୍‌ଯାପିତ



**ବାଣପୁର(ଏନ୍.ଏମ୍.) :** ମରାଳ ମାଳିନୀ ନୀଳାମ୍ବୁ ଚିଲିକା ହ୍ରଦର ନୀଳ ରାଶିରେ ତା- ୬/୦୧/୨୦୨୬ଠାରୁ ୦୮/୦୧/୨୦୨୬ ପର୍ଯ୍ୟନ୍ତ ୩ ଦିନ ନୋଟିସ ବ୍ୟାପୀ ନୌକା ପ୍ରତିଯୋଗିତା ବଡକୁଳ ପାନ୍ଥନିବାସ ଠାରେ ଅନୁଷ୍ଠିତ ହୋଇଯାଇଛି। ଆଜି ଗୁରୁବାର ଦିନ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାର ଙ୍କ ର ଆଇନ ପୂର୍ତ୍ତ, ଓ ଅବକାରୀ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ ଯୋଗ ଦେଇ ଚିଲିକା ନୌକା ପ୍ରତିଯୋଗିତା ଏକ କ୍ରୀଡା ନୁହେଁ, ଚିଲିକା ମତ୍ସ୍ୟଜୀବୀ ମାନଙ୍କ ଜୀବନ ଶୈଳୀ ର ଜୀବନ୍ତ ପ୍ରତୀକ। ପାରମ୍ପରିକ ଭାବେ ଡଙ୍ଗା ଚାଳନା କୁ ବୃତ୍ତି ଭାବରେ ଆପଣାଇ ଥିବା ଏହି ଯୁବକମାନଙ୍କୁ ନୌଚାଳନା କ୍ରୀଡା ପ୍ରତି ଆକର୍ଷିତ କରିବାରେ ସହାୟକ ହେବ। ଚିଲିକା କୁ ଅଧିକ ପର୍ଯ୍ୟଟକ ଆସିବା ହିଁ ଏକମାତ୍ର ଲକ୍ଷ୍ୟ । ଏହି ଭଳି କାର୍ଯ୍ୟକ୍ରମ ମଧ୍ୟମ ରେ ପର୍ଯଟକ ଙ୍କୁ ଆକର୍ଷିତ କରିପାରିବା। ଆଗାମୀ ଦିନରେ ୨୦୦୦ କୋଟି ରୁ ଅଧିକ ଟଙ୍କା ବ୍ୟୟ ରେ ଚିଲିକା ର ପୁନରୁଦ୍ଧାର ସହ ସର୍ବାଙ୍ଗୀନ ଉନ୍ନତି ପ୍ରତି ଆମ ସରକାର ସଂକଳ୍ପବଦ୍ଧ। ଉକ୍ତ କାର୍ଯ୍ୟକ୍ରମରେ ପର୍ଯଟନ ବିଭାଗ ସଚିବ ସରୋଜ କୁମାର ସ୍ୱାଇଁ, ଚିଲିକା ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକ, ମାନ୍ୟବର ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ସମ୍ବିତ ଗଡ଼ନାୟକ ପୂର୍ବତନ ଭାରତୀୟ ରାଜସ୍ୱ ସେବା ଅଧିକାରୀ ପି କେ ଦାସ, ଚିଲିକା ବ୍ଲକଣରମଚ ହିଁ କେତେକ ଅଧକ୍ଷା, ବାଣପୁର ବ୍ଲକ ଅଧକ୍ଷ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦିଲ୍ଲୀପ ମହାନ୍ତି, ସମସ୍ତ ସରପଞ୍ଚ, ସମିତି ସଦସ୍ୟମାନେ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ। ଖୋର୍ଦ୍ଧା, ପୁରୀ,, ଗଞ୍ଜାମ ଜିଲ୍ଲାରୁ ୮୧ଗୋଟି ଦଳ ପ୍ରତି ଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀତା ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଚିଲିକା ଜରିପଡା ର ପାଣିଦ୍ୱାର, ଦ୍ୱିତୀୟ ସ୍ଥାନ ଦଖଲ କରିଥିବା ମାନସିଂହପୁର ମା ଗୋମତୀ ଦେବୀ ଦଳ, ତୃତୀୟ ସ୍ଥାନ ଦଖଲ କରିଥିବା ପୁରୀର ବିନ୍ଧ୍ୟଗିରୀ ଦଳ କୁ ମୁଖ୍ୟ ଅତିଥି ପୁରସ୍କାର ବିତରଣ କରିଥିଲେ।

## ଜମଧର ଠାରେ ଜିଲ୍ଲାସ୍ତରୀୟ ଧାନମଣ୍ଡି ଉଦ୍‌ଘାଟନ

**କେନ୍ଦ୍ରାପଡ଼ା(ଏନ୍.ଏମ୍.) :** ଜମଧର ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ଶୁକ୍ରବାର ଦିନ ଜିଲ୍ଲାସ୍ତରୀୟ ଧାନମଣ୍ଡି ଉଦଘାଟିତ ହୋଇଯାଇଛି । ଜିଲ୍ଲାପାଳ ରଘୁରାମ ଆର ଆୟର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଛନ୍ତି। ଜିଲ୍ଲାପାଳ ସରକାରୀ ନିୟମ ଅନୁଯାୟୀ ସମସ୍ତ ପଞ୍ଜିକୃତ ଚାଷୀ ମାନଙ୍କ ଧାନ ନିର୍ଦ୍ଧାରିତ ସମୟରେ ଶୃଙ୍ଖଳିତ ଭାବେ କ୍ରୟ କରିବାକୁ ପରାମର୍ଶ ଦେଇଛନ୍ତି। ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ସ୍ଥିରିକୃତ ନିୟମାବଳୀ ବିଷୟରେ ମତ ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସମବାୟ ସମିତିର ଉପନିବନ୍ଧକ ପ୍ରଭାକର ନାୟକ, ସହକାରୀ ନିବନ୍ଧକ ଯୋଗେନ୍ଦ୍ର ବିଶ୍ୱାଳ, ଆରଏମସି ସମ୍ପାଦକ ବିଦ୍ୟାଧର ବେହେରା, ବିକ୍ରମ ରାଉତରାୟ, ଆରଏମସି ଉପସଭାପତି ବିଜୟ କୁମାର ପରିଡା ପ୍ରମୁଖ ଯୋଗଦେଇଥିଲେ। ଜମଧର ପେକ୍ସ ସମ୍ପାଦକ ବୈରାଗୀ ଚରଣ ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ନିର୍ଦ୍ଦେଶକ ଜିତେନ୍ଦ୍ର ପାଗଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଚାଷୀ ସଂଘର ସଭାପତି ଶରତ ଚନ୍ଦ୍ର ମିଶ୍ର ଚାଷୀଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ କରିବା ସହିତ ଜିଲ୍ଲା ପ୍ରଶାସନର ସହଯୋଗକୁ ପ୍ରଶଂସା କରିଥିଲେ। ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ପ୍ରଦୀପ୍ତ କୁମାର ମହାନ୍ତି ମଧ ତାଙ୍କ ମତ ଉପସ୍ଥାପନ କରିଥିଲେ।




ଜମଧର ପ୍ରାଥମିକ କୃଷି ସମବାୟ ସମିତି ଲିଃ.ର ସଭାପତି ଧରଣୀଧର ଦାସ ସଭାପତିତ୍ୱ କରିଥିବା ବେଳେ ନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ମହାନ୍ତି ସଭା ପରିଚାଳନା କରିଥିଲେ। ସମବାୟ ସମିତିର ପରିଚାଳନା ପରିଷଦର ସଭାନେତ୍ରୀ ମମତା ପ୍ରଧାନ, କୈଳାସ ଚନ୍ଦ୍ର ଦାସ, ବସନ୍ତ ଜେନା, ଅମୟ ମଲିକ, ଅକ୍ଷୟ ବାରିକ, ନମିତା ଦାସ, କୃଷ୍ଣଚନ୍ଦ୍ର ଦାସ, ଗୀତାଞ୍ଜଳି ବେହେରା, ଅବିନାଶ ବାରିକ, ସଂଗମ ସାମଲ ପ୍ରମୁଖ ସହଯୋଗ କରିଥିଲେ। ନିର୍ଦ୍ଦେଶକ ଅଭିମନ୍ୟୁ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉଦଘାଟନି କାର୍ଯ୍ୟକ୍ରମରେ ପାଖା ପାଖି ତିନି ଶହ ଚାଷୀ ଉପସ୍ଥିତ ଥିଲେ।

## "ବନ୍ଦେ ମାତରମ" ର ୧୫୦ତମ ବାର୍ଷିକ ଅବସରରେ ଦିନିକିଆ ପ୍ରଶିକ୍ଷଣ ଶିବିର

**କେନ୍ଦ୍ରାପଡା (ଏନ୍.ଏମ୍.) :** ସମସ୍ତ ବିଦ୍ୟାଳୟ ତଥା ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ "ବନ୍ଦେ ମାତରମ"ର ସାଂସ୍କୃତିକ, ଐତିହାସିକ ଏବଂ ଭାବନାତ୍ମକ ସାରାଂଶ ସହିତ ପୁନଃ ଉପରେ "ସ୍ୱଦେଶୀ ସଂକଳ୍ପ ପାଠ" କରିବେ। ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଅଲୋଚନା କରାଯାଇଥିଲା। ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଦେଶାତ୍ମକବୋଧ ଜାତ କରିବା ନିମନ୍ତେ ଏହି ଦିବସ ଅବସରରେ ସମସ୍ତ ଶିକ୍ଷାନୁଷ୍ଠାନ



ସଂଯୋଗ କରିବା ଏବଂ ସମଗ୍ର ଓଡିଶାରେ ଏହାର ମର୍ଯ୍ୟାଦାପୂର୍ଣ୍ଣ ଓ ସଠିକ ଉପସ୍ଥାପନା ସୁନିଶ୍ଚିତ କରାଇବା ପାଇଁ ସରକାରୀ ସ୍ତରରେ ନିଷ୍ପତି ଗ୍ରହଣ କରାଯାଇଛି । ଏହି ପ୍ରସଙ୍ଗରେ ମହାକାଳପଡା ବ୍ଲକ ଅଧିନସ୍ଥ ସମସ୍ତ ବିଦ୍ୟାଳୟ ତଥା ମହାବିଦ୍ୟାଳୟରୁ ଆସିଥିବା ଶିକ୍ଷକ, ଶିକ୍ଷୟତ୍ରୀ, ଅଧାପକ, ଅଧାପିକାଙ୍କୁ ଦିନିକିଆ ପ୍ରଶିକ୍ଷଣ ଶିବିର ମହାକାଳପଡା ବ୍ଲକ ପରିସରରେ ଆୟୋଜନ କରାଯାଇଥିଲା । ଉକ୍ତ ପ୍ରଶିକ୍ଷଣ ଶିବିରରେ ୨୦୨୪ ଜାନୁଆରୀ ୧୨ ତାରିଖରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ତଥା "ଜାତୀୟ ଯୁବ ଦିବସ" ଅବସରରେ ମହାକାଳପଡା ବ୍ଲକର ସମସ୍ତ ଶିକ୍ଷା ଅନୁଷ୍ଠାନ ମାନଙ୍କରେ ଛାତ୍ର ଛାତ୍ରୀ ମାନେ ଏକତ୍ରିତ ହୋଇ କିପରି "ବନ୍ଦେ ମାତରମ"ର ସାମୂହିକ ଗାନ କରିବେ ତଥା ଆତ୍ମନିର୍ଭର ଭାରତ ମାନଙ୍କରେ ବିଭିନ୍ନ ପ୍ରତିଯୋଗିତାମାନ ଯଥା-ବକ୍ତୃତା, ପ୍ରବନ୍ଧ ଲିଖନ, କବିତା ଅବୃତ୍ତି, ଚିତ୍ରାଙ୍କନ ଆଦି ଆୟୋଜନ କରାଯିବା ପାଇଁ ଆଲୋଚନା କରାଯାଇଥିଲା। ପ୍ରତିଯୋଗିତା ଗୁଡିକର ବିଷୟବସ୍ତୁ ଦେଶାତ୍ମକ ବୋଧକ/ ଆତ୍ମନିର୍ଭର ଭାରତ ଉପରେ ପର୍ଯ୍ୟବେସିତ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରାଯାଇଥିଲା । ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥିଭାବେ ମଣ୍ଡଳ ଉନ୍ନୟନ ଅଧିକାରୀ ତଥା ତହସିଲଦାର, ମହାକାଳପଡା ଶ୍ରୀଯୁକ୍ତ ରବିନାରାୟଣ ଆଚାର୍ଯ୍ୟ, ପ୍ରଶିକ୍ଷକ ଶ୍ରୀକାନ୍ତ କୁମାର ନନ୍ଦ, ଜନ୍ମେଞ୍ଜୟ ପ୍ରଧାନ, ଅଂଶୁମାନ ରାଉତରାୟ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମର ଶେଷରେ ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ଦିପକ ରଞ୍ଜନ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ବିନିକା ପଞ୍ଚାୟତ ସମିତି ସାଧାରଣ ବୈଠକ

**ସୁବର୍ଣ୍ଣପୁର (ଏନ୍.ଏମ୍.):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସଭାଗୃହରେ ପଞ୍ଚାୟତ ସମିତି ସାଧାରଣ ବୈଠକ ବିନିକା ବ୍ଲକ ଅଧକ୍ଷା ଦିପ୍ତିରେଖା ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିନିକା ବିଡ଼ିଓ ଶରତ ବାଗ ବୈଠକ ପରିଚାଳନା କରିଥିଲେ। ପ୍ରଥମେ ବିନିକା ବ୍ଲକ ଗ୍ରା.ପ ଉନ୍ନୟନ ଅଧିକାରୀ ଶରତ କୁମାର ମିଶ୍ର ପୁର୍ବ ବୈଠକର ବିବରଣି ପଠନ କରିବାପେରେ ପୂର୍ବ ବୈଠକ ଉପରେ ଆଲୋଚନା କରି ଦୃଢ଼ୀ କରଣ କରା ଯାଇଥିଲା। ଆଜିର ବୈଠକରେ ସ୍ୱାସ୍ଥ୍ୟ,ପଶୁପାଳନ, ପାନୀୟଜଳ, ସାଧାରଣ ବଣ୍ଟନ, ବିଦ୍ୟୁତ, ମହିଳା ଓ ଶିଶୁ ବିକାଶ ଯୋଜନା, ଶିକ୍ଷା, ଜଳସେଚନ, ଜଙ୍ଗଲ, କୃଷି, ଉଦ୍ୟାନ, ସମବାୟ,ମତ୍ସ୍ୟଚାଷ, ତହସିଲ ଭୁକ୍ତ ଜାତି ଓ ଜନଜାତି ମଙ୍ଗଳ, ସାମାଜିକ ସୁରକ୍ଷା,




ବିଭିନ୍ନ ଉନ୍ନୟନ ମୂଳକ ତଥା ଅନ୍ୟାନ୍ୟ ବିଭାଗ ଉପରେ, ଆଲୋଚନା ହୋଇଥିଲା। ବୈଠକରେ ସାଧାରଣ ବଣ୍ଟନ ବିଭାଗର ଧାନ କ୍ରୟ, ସମବାୟ ରେ ବିଭିନ୍ନ ପେକ୍ସ ମାନଙ୍କୁ ଥିବା ଗୋଦମ ଘର ନିର୍ମାଣ, କୃଷି ବିଭାରେ ସରକାରଙ୍କ ବିହନ ବଣ୍ଟନ ଉପରେ ଆଲୋଚନା ସମୟରେ ବୈଠକ ବେସ ସର ଗରମ ହୋଇଉଠିଥିଲା। ବୈଠକରେ ବିରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ମୁଖ୍ୟ ଅତିଭାବରେ ଯୋଗଦେଇ ଆଲୋଚନା ଉପରେ ଭାଗନେଇ ଅନେକ ଅଧିକାରୀଙ୍କୁ ବାରମ୍ବାର ତାଗିତ କଲେମଧ କାର୍ଯ୍ୟ ସପୁନ୍ନ ହୋଇପାରୁ ନି ଥିବାରୁ ନିଜକୁ ଅସହାୟ ମଣିଥିଲେ । ବୈଠକରେ ବିନିକା ବ୍ଲକ ଅଧିନରେ ଥିବା ଜେଇ ମାନଙ୍କୁ ଠିକ ହିସାବରେ କାର୍ଯ୍ୟ କରି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିନିକା ବିଡ଼ିଓ ଓ ସହକାରୀ ନିର୍ବାହି ଯନ୍ତ୍ରୀଙ୍କୁ ନିଦେଶ ଦେଇଥିଲେ। ବୈଠକରେ ସୋନପୁର ବିଧାୟକଙ୍କ ପ୍ରତିନିଧି ଅଶୋକ ନନ୍ଦ, ସାସଂଦ ପ୍ରତିନିଧି ବିଶ୍ୱମ୍ବର ମିଶ୍ର, ବିନିକା ଜିଲ୍ଲା ପରିସଦ ସଭ୍ୟା ପ୍ରମିଳା କଲତା, ଜିଲ୍ଲା ପରିଷଦ ସଭ୍ୟ ବର୍ଶିଷ ଭରାସାଗର, ବ୍ଲକ ଉପାଧକ୍ଷ ନିର୍ମଳ ଷାଣ୍ଡ ସମେତ ସମସ୍ତ ଗ୍ରାମ ପଞ୍ଚାୟତ ସମିତି ସଭ୍ୟ/ସଭ୍ୟା ,ସରପଞ୍ଚ ଆଲୋଚନାରେ ଭାଗନେଇଥିଲେ। ଏଥିରେ ,ବିନିକା ବନ ବିଭାଗ ରେଞ୍ଜର ଡ଼ମ୍ବରୁଧର ପଧାନ , ସିଡ଼ିପିଓ ଲକ୍ଷ୍ମିପ୍ରିୟା ମିଶ୍ର, ଡ଼ା ସତ୍ୟନାରାୟଣ ପାଣିଗ୍ରାହି, ଏବିଇଓ ହେମସାଗର କାଲସେ, ଯୋଗାଣ ନିରୀକ୍ଷକ ପ୍ରମୋଦ ଚନ୍ଦ୍ର ପଣ୍ଡା ସମେତ ବିନିକା ବ୍ଲକ ୧୬ ଗୋଟି ଗ୍ରାମ ପଞ୍ଚାୟତ ସମିତି ସଭ୍ୟ/ସଭ୍ୟା ,ସରପଞ୍ଚ, ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଓ ବିନିକା ବ୍ଲକ କାର୍ଯ୍ୟଳୟ ସମସ୍ତ କର୍ମଚାରୀ ଉପସ୍ତିତ ଥିଲେ। ବିନିକା ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ପୂର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଖୁବଶୀଘ୍ର ଭକ୍ତଙ୍କ ଦର୍ଶନ ପାଇଁ ଖୋଲିବ ଶ୍ରୀଗୁଣ୍ଡିଚା ମନ୍ଦିର



**ପୁରୀ(ଏନ୍.ଏମ୍.) :** ଖୁବଶୀଘ୍ର ଖୋଲିବ ଶ୍ରୀଗୁଣ୍ଡିଚା ମନ୍ଦିର। ଭକ୍ତଙ୍କ ଦର୍ଶନ ପାଇଁ ଖୁବଶୀଘ୍ର ସରିବ କାର୍ଯ୍ୟ। ଖୁବଶୀଘ୍ର ସରିବ ଶ୍ରୀଗୁଣ୍ଡିଚା ମନ୍ଦିର ସଂରକ୍ଷଣ କାର୍ଯ। ମନ୍ଦିର ସଂରକ୍ଷଣ କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏନେଇ ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ । ସେ ଆହୁରି କହିଛନ୍ତି ଯେ, ସର୍ବସାଧାରଣ ଦର୍ଶନ ନେଇ ଖୁବଶୀଘ୍ର ନିଷ୍ପତ୍ତି ନିଆଯିବ । ଚଳିତ ମାସ ବସନ୍ତ ପଞ୍ଚମୀରୁ ଭକ୍ତଙ୍କ ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲିପାରେ । ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲିବାର ପ୍ରଥମ ୩ ଦିନରେ ବିନା ଶୁଳ୍କରେ ଦର୍ଶନ କରିବେ ଭକ୍ତ । ପରେ ୧୦ଟଙ୍କା ଟିକଟ କାଟି ଦର୍ଶନ କରିବେ ଭକ୍ତ। ନାଟମଣ୍ଡପରେ ଶୀତତାପ ନୀୟନ୍ତ୍ରିତ କରିବା ପାଇଁ ଟେଣ୍ଡର ପ୍ରକ୍ରିୟା ସାରିଥିବା କହିଛନ୍ତି ଶ୍ରୀ ପାଢ଼ୀ।

## ଗଜପତି ଜିଲ୍ଲାରେ ନୂତନ ଜିଲ୍ଲାପାଳ ଭାବେ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଯୋଗଦାନ

**ପାରଳାଖେମୁଣ୍ଡି(ଏନ୍.ଏମ୍.) :** ଗଜପତି ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବରେ ଅକ୍ଷୟ ସୁନିଲ ଅଗ୍ରୱାଲ,ଭା.ପ୍ର.ସେ. ଆଜି ଯୋଗଦାନ କରିଛନ୍ତି । ନୂତନ ଜିଲ୍ଲାପାଳ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ଠାରେ ଦାୟିତ୍ୱ ଗ୍ରହଣ କରିବା ସହ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ଅବଲମ୍ବନ ପାଇଁ ଉପସ୍ଥିତ ପଦାଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ସରକାରଙ୍କର ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ସହ ହିତାଧିକାରୀ ମାନଙ୍କ ନିକଟରେ ସଫଳତାର ସହ ସେବା ପହଞ୍ଚାଇବା ଓ ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ ପାଇଁ ନୂତନ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ସେହିପରି ଜିଲ୍ଲାରେ ବିଭିନ୍ନ ବିକାଶ ମୂଳକ ଯୋଜନା ତଥା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପାନୀୟ ଜଳ ସମସ୍ତ ଜନ ସାଧାରଣଙ୍କ ନିକଟରେ ପହଞ୍ଚାଇବା ସହିତ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାମକୁ ତୁରନ୍ତ ସମ୍ପୂର୍ଣ୍ଣ କରାଯିବା ଓ ଜିଲ୍ଲାର ଜନସାଧାରଣଙ୍କୁ ଉପଯୁକ୍ତ ସେବା ଯୋଗାଇଦେବା ତାଙ୍କର ପ୍ରାଥମିକତା ହେବ ବୋଲି ନୂତନ ଜିଲ୍ଲାପାଳ କହିଛନ୍ତି । ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଗୋଟିଏ ଟିମ ହୋଇ କାର୍ଯ୍ୟ କଲେ ଜିଲ୍ଲାର ବିକାଶ ହୋଇପାରିବ ବୋଲି ଶ୍ରୀଯୁକ୍ତ ଅଗ୍ରୱାଲ ଆହ୍ୱାନ କରିଥିଲେ । ଜନସାଧାରଣଙ୍କ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ସେ ବିଭାଗୀୟ ଅଧିକାରୀ ମାନଙ୍କୁ ଆଦେଶ ଦେଇଥିଲେ। ଶ୍ରୀଯୁକ୍ତ ଅଗ୍ରୱାଲ ପୂର୍ବରୁ ନୟାଗଡ଼ ଜିଲ୍ଲାପାଳ ଭାବରେ କାର୍ଯ୍ୟରତ ଥିଲେ । ଜିଲ୍ଲା କାର୍ଯ୍ୟାଳୟ ଠାରେ ଆରକ୍ଷୀ ଅଧିକ୍ଷକ ଗଜପତି ଯତୀନ୍ଦ୍ର କୁମାର ପଣ୍ଡା, ବନଖଣ୍ଡ ଅଧିକାରୀ ପାରଳାଖେମୁଣ୍ଡି କେ.ନାଗାରାଜୁ, ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନନାଗା ଓ ଫାଲଗୁନୀ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରକ୍ ଆଲ୍ଲୀ ସମେତ ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ନୂତନ ଜିଲ୍ଲାପାଳଙ୍କ ସ୍ୱାଗତ ଓ ଅଭିବାଦନ କରିଥିଲେ ।



## ଦେଓଗାଁ ସମବାୟ ସମିତିରେ ଧାନ ମଣ୍ଡି ଉଦ୍‌ଘାଟିତ



**ବାଣପୁର (ଏନ୍.ଏମ୍.) :** ବାଣପୁର ବ୍ଲକ ଅନ୍ତର୍ଗତ ଦେଓଗାଁ ସମବାୟ ସମିତି ପରିସରରେ ପରିଚାଳନା କମିଟିର ସଭାପତି ଶ୍ରୀ ସୁକାନ୍ତ କୁମାର ବିଷୋୟୀଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜସେବୀ ଦୁଷ୍ମନ୍ତ ହରିଚନ୍ଦନ ଚାଷୀ ମାନଙ୍କ ର ସାମଗ୍ରିକ ବିକାଶ ପାଇଁ ସରକାର ସମବାୟ ସମିତି ମାଧ୍ୟମରେ ବିହନ, ସାର, ଋଣ,ଯୋଗାଇଦେଉଛନ୍ତି । ଚାଷୀ ଉନ୍ନତ ଧରଣର ଚାଷ ପ୍ରଣାଳୀରେ ଚାଷ କରି ଅଧିକ ଉତ୍ପାଦନ କରିବା ପାଇଁ ଲୋକଙ୍କ ସରକାର ସୁବିଧା କରିଛନ୍ତି। ଏବଂ ଉତ୍ପାଦିତ ଦ୍ରବ୍ୟ କୁ ସମବାୟ ସମିତି ମାଧ୍ୟମରେ ସରକାର ନିର୍ଦ୍ଧାରିତ କରିଥିବା ସହାୟକ ମୂଲ୍ୟ ୩୧୦୦ଟଙ୍କା ରେ ବିକ୍ରୟ କରି ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ । ଆୟୋଜିତ ଉତ୍ସବରେ ବିଧାୟକ ଙ୍କ ପ୍ରତିନିଧି ଜଗନ୍ ପାଟଶାଣୀ, ସ୍ଥାନୀୟ ସରପଂଚ ଙ୍କ ପ୍ରତିନିଧି ଶରତ ଚନ୍ଦ୍ର ଛାଟୋଇ, ବାଣପୁର ଶାଖା ଖୋର୍ଦ୍ଧା ବ୍ୟାଙ୍କ ମ୍ୟାନେଜର ଶ୍ରୀ ନାରାୟଣ ନାୟକ,ସୁପର ଫାଇଜର ସଂଗ୍ରାମ ମହାପାତ୍ର, ସମବାୟ ସମିତି ସମୂହ ଖୋର୍ଦ୍ଧା ରୁ ଇନ୍ସପେକ୍ଟର ସୁଶ୍ରୀ ସାଗରିକା ପରିଡ଼ା, ଜଗନ୍ନାଥ ରାଇସ୍ ମିଲ୍ ରୁ ଜୟରାମ ପାତ୍ର, ପରିଚାଳନା ପରିଷଦ, ଚାଷୀ କମିଟି , ତଥା ବହୁ ଜନସାଧାରଣ ଯୋଗ ଦେଇଥିଲେ। ପରିଶେଷରେ ସମ୍ପାଦକ ଭବାନୀ ବିଷୋୟୀ ଧନ୍ୟବାଦ ପ୍ରଦାନ କରିଥିଲେ।




# ଆଇସିସି ଚେତାବନୀକୁ ବେଖାତିର

# ଭାରତରେ ମ୍ୟାଚ ନ ଖେଳିବା ଜିଦରେ ବାଂଲାଦେଶ ଅଟଳ



**ମୁମ୍ବାଇ (ଏଜେନ୍ସି) :** ଭାରତରେ ଟି-୨୦ ବିଶ୍ୱକପ ମ୍ୟାଚ ନ ଖେଳିବା ଜିଦରେ ଅଟଳ ବାଂଲାଦେଶ କ୍ରିକେଟ ବୋର୍ଡ। ଭାରତ-ବାଂଲାଦେଶ ମଧ୍ୟରେ ଚାଲିଥିବା ତିକ୍ତତା ମଧ୍ୟରେ ବିଶ୍ୱକପ ମ୍ୟାଚର ସ୍ଥାନ ବଦଳାଇବାକୁ କହିଥିଲା ବିସିବି। ଆଇସିସି ଏହାକୁ ଅଗ୍ରାହ୍ୟ କରିଥିଲେ ହେଁ ବାଂଲାଦେଶ କ୍ରିକେଟ ବୋର୍ଡ ଭାରତରେ ମ୍ୟାଚ ଖେଳିବା ସମ୍ପର୍କରେ ନାହିଁ। ଏହି ପ୍ରସଙ୍ଗରେ ଆଜି ବିସିବିର ବରିଷ୍ଠ ଅଧିକାରୀମାନେ ବୈଠକ କରିଥିଲେ। ବୈଠକରେ ବିସିବି ସଭାପତି ଅମିନୁଲ ଇସଲାମ ବୁଲବୁଲ ଓ ବାଂଲାଦେଶ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟର ପରାମର୍ଶଦାତା ଆସିଫ ନଜରୁଲ ସାମିଲ ହୋଇଥିଲେ। ବୈଠକରେ ନିଷ୍ପତ୍ତି ହୋଇଛି ଯେ ବାଂଲାଦେଶର ବିଶ୍ୱକପ ମ୍ୟାଚ୍ ଶ୍ରୀଲଙ୍କାକୁ ସ୍ଥାନାନ୍ତର କରିବାକୁ ବିସିବି ଫୁଲ ଦମରେ ଆଇସିସିକୁ ବୁଝାଇବାକୁ ଚେଷ୍ଟା କରିବ। ବାଂଲାଦେଶ ଟି-୨୦ ବିଶ୍ୱକପରେ ତା'ର ୪ଟି ଯାକ ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍ ଭାରତରେ ଖେଳିବାକୁ ଧାର୍ଯ୍ୟ ହୋଇଛି। ୩ଟି କୋଲକାତାରେ ଓ ଗୋଟିଏ ମ୍ୟାଚ ମୁମ୍ବାଇରେ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ତେବେ ଆଇପିଏଲ ୨୦୨୬ରୁ ବାଂଲାଦେଶ ପେସର ମୁସ୍ତାଫିଜୁର ରହମନଙ୍କୁ ଅକ୍ସନ ପରେ ରିଲିଜ କରି ଦିଆଯାଇଥିରୁ ବିସିସିଆଇ ଓ ବିସିବି ମଧ୍ୟରେ ବିବାଦ ଆରମ୍ଭ ହୋଇଛି। ବିବାଦକୁ ଦୃଷ୍ଟିରେ ରଖି ବିଶ୍ୱକପ ପାଇଁ ଭାରତକୁ ଟିମ ପଠାଇବ ନାହିଁ ବୋଲି କହିଛି ବିସିବି। ବିଶ୍ୱକପ ମ୍ୟାଚର ସ୍ଥାନ ବଦଳାଇବାକୁ ବିସିବି ପକ୍ଷରୁ ଆଇସିସିକୁ କୁହାଯାଇଥିଲା। ମଙ୍ଗଳବାର ଆଇସିସି ଗୋଟିଏ ଚିଠି କରି ବିସିବିର ଆବେଦନକୁ ଅଗ୍ରାହ୍ୟ କରିଥିଲା। ଏଥିସହ ବାଂଲାଦେଶକୁ ପଏଣ୍ଟ ହ୍ରାସର ଚେତାବନୀ ଦେଇ ଧାର୍ଯ୍ୟ ସୂଚୀ ଅନୁସାରେ ମ୍ୟାଚ ହେବ ବୋଲି କହିଥିଲା। ତଥାପି ବାଂଲାଦେଶ କ୍ରିକେଟ ବୋର୍ଡ ଭାରତରେ ମ୍ୟାଚ୍ ନ ଖେଳିବା ଜିଦରେ ଅଟଳ ରହିଛି। ବୁଧବାର ବୈଠକରେ ନଜରୁଲ କହିଛନ୍ତି ଯେ "ଆମ ଦେଶ ସମ୍ମାନ କିମ୍ବା ଖେଳାଳି ଓ ସାମ୍ବାଦିକମାନଙ୍କ ସୁରକ୍ଷା ବଦଳରେ ଆମେ ଟି-୨୦ ବିଶ୍ୱକପ ଖେଳିବାକୁ ଚାହୁଁନାହୁଁ। ଆଇସିସି ପକ୍ଷରୁ ମିଳିଥିବା ଚିଠିକୁ ପଢ଼ିବା ପରେ ଆମେ ହୃଦୟଙ୍ଗମ କରୁଛି ଯେ ଭାରତରେ ବାଂଲାଦେଶର କ୍ରିକେଟରଙ୍କୁ ନେଇ ବଡ଼ଧରଣର ସୁରକ୍ଷା ଚିନ୍ତା ରହିଛି। ବିସିସିଆଇ ନିଜେ କୋଲକାତା ନାଇଟ ରାଇଡର୍ସ ଟିମକୁ କହିଛି ଯେ ସେମାନେ ଏହି ଖେଳାଳି (ମୁସ୍ତାଫିଜୁର ରହମନ)ଙ୍କୁ ସୁରକ୍ଷା ଦେଇ ପାରିବେ ନାହିଁ। ତେଣୁ ତାଙ୍କୁ ଦଳରୁ ବାହାର କର। ଏଥିରୁ ବାଂଲାଦେଶ ଖେଳାଳିଙ୍କ ସୁରକ୍ଷା ଚିନ୍ତା ଭାରତରେ ରହିଥିବା ସ୍ପଷ୍ଟ ହେଉଛି। ଆମେ ବିଶ୍ୱକପ ଖେଳିବାକୁ ଚାହୁଁଛୁ। କିନ୍ତୁ ଶ୍ରୀଲଙ୍କାରେ ଖେଳିବୁ। ଆମେ ଏହି ନିଷ୍ପତ୍ତିରେ ଦୃଢ଼ ରହିଛୁ। ମୋର ଆଇସିସି ଆମ ଚିନ୍ତାକୁ ବୁଝିପାରିବ। ଆଇସିସି ଆମ ଚିନ୍ତାକୁ ଭଲ ଭାବେ ବୁଝି ପଦକ୍ଷେପ ନେବ।" ଭାରତରେ ଯଦି ମ୍ୟାଚ୍ ? ହେବ, ତା'ହେଲେ କ'ଣ ବାଂଲାଦେଶ ପ୍ରତିପକ୍ଷ ଟିମକୁ ୱାକଓଭର ଦେବ ପ୍ରଶ୍ନରେ ନଜରୁଲ ଭିନ୍ନ ଉତ୍ତର ଦେଇଛନ୍ତି। ସେ କହିଛନ୍ତି, "ଭାରତରେ ଆମେ ଖେଳିବାକୁ ପ୍ରସ୍ତୁତ ନାହୁଁ ବୋଲି ଆଇସିସିକୁ ବୁଝାଇବା ହିଁ ଆମର କାମ। ଆମେ ଆଇସିସିକୁ ଖୁବଶୀଘ୍ର ଜବାବ ଦେବୁ।"

# ଫେଲ ହେଲେ ଷ୍ଟାର ଖେଳାଳି

## ଶ୍ରେୟସ-ସୂର୍ଯ୍ୟକୁମାରଙ୍କ ଦଳକୁ ହରାଇ ଜିତିଲା ଅଭିଷେକଙ୍କ ଟିମ




**ନୂଆଦିଲ୍ଲୀ (ଏଜେନ୍ସି):** ବିଜୟ ହଜାରେ ଟ୍ରଫିରେ ଆଜି ପଞ୍ଜାବ ମୁମ୍ବାଇ ବିପକ୍ଷରେ ୧ ରନରେ ଏକ ରୋମାଞ୍ଚକର ବିଜୟ ହାସଲ କରିଛି। ସରଫରାଜ ଖାନ, ଶ୍ରେୟସ ଆୟର ଏବଂ ଶିବମ ଦୁବେଙ୍କ ଭଳି ବଡ ତାରକାଙ୍କୁ ନେଇ ଗଠିତ ଏକ ଦଳ ୨୧୭ ରନର ଲକ୍ଷ୍ୟ ହାସଲ କରିବାରେ ବିଫଳ ହୋଇଥିଲା। ଜୟପୁରରେ ଖେଳାଯାଇଥିବା ମ୍ୟାଚରେ ଅଭିଷେକ ଶର୍ମାଙ୍କ ଅଧିନାୟକତ୍ୱରେ ପଞ୍ଜାବ ୨୧୬ ରନରେ ଅଲଆଉଟ୍ ହୋଇଥିଲା। ଜବାବରେ ମୁମ୍ବାଇ ୨୧୫ ରନରେ ଅଲଆଉଟ୍ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ପଞ୍ଜାବ ୨୧୬ ରନ କରିଥିଲା। ଅଧିନାୟକ ଅଭିଷେକ ଶର୍ମା କେବଳ ୮ରନ କରିପାରିଥିଲେ, ଯେତେବେଳେ ଆଇପିଏଲ ଷ୍ଟାର ପ୍ରଭସିମରନ ସିଂହ ମଧ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇପାରି ନଥିଲେ, ୧୧ ରନ କରି ଆଉଟ ହୋଇଥିଲେ। ଅନମୋଲପ୍ରୀତ ସିଂହଙ୍କ ୫୭ ରନର ଅର୍ଦ୍ଧଶତକ ଏବଂ ରମନଦୀପ ସିଂହଙ୍କ ୭୨ ରନର ଅର୍ଦ୍ଧଶତକ ପଞ୍ଜାବକୁ ୨୦୦ ରନ ଅତିକ୍ରମ କରିବାରେ ସାହାଯ୍ୟ କରିଥିଲା। ମୁମ୍ବାଇର ଇନିଂସ ଅଙ୍ଗକୃଶ ରଘୁବଂଶୀ ଏବଂ ମୁଶିର ଖାନ ଓପନ କରିଥିଲେ। ମୁଶିର ୨୧ ଏବଂ ରଘୁବଂଶୀ ୨୩ ରନ୍ କରିଥିଲେ। ଅନ୍ୟପକ୍ଷରେ, ସରଫରାଜ ଖାନ ମାତ୍ର ୧୫ ବଲ୍‌ରେ ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ। ଏହା ସହିତ ସରଫରାଜ ବିଜୟ ହଜାରେ ଟ୍ରଫି ଇତିହାସରେ ଦ୍ରୁତତମ ଅର୍ଦ୍ଧଶତକ ହାସଲକାରୀ ବ୍ୟାଟସମ୍ୟାନ୍ ହୋଇଥିଲେ। ସେ ୨୦ ବଲ୍ ?ରେ ୭ ଚୌକା ଏବଂ ୫ ଛକା ମାରି ୬୨ ରନ୍ କରିଥିଲେ। ପୂର୍ବ ମ୍ୟାଚ୍‌ରେ ଅଧିନାୟକ ଶ୍ରେୟସ ଆୟର ଏକ ଦୃଢ଼ ୮୨ ରନ୍‌ର ଇନିଂସ ଖେଳିଥିଲେ। ଏଥର ମଧ୍ୟ ସେ ଭଲ ଆରମ୍ଭ କରିଥିଲେ, କିନ୍ତୁ ୩୪ ବଲ୍‌ରେ ୪୫ ରନ୍ କରି ଆଉଟ୍ ହୋଇଥିଲେ। ଏହି ମ୍ୟାଚ୍‌ରେ ଖେଳୁଥିବା ସୂର୍ଯ୍ୟକୁମାର ଯାଦବ ଏବଂ ଶିବମ୍ ଦୁବେ ସମ୍ପୂର୍ଣ୍ଣ ବିଫଳ ପ୍ରମାଣିତ ହୋଇଥିଲେ। ସୂର୍ଯ୍ୟକୁମାର ଯାଦବ ୧୫ ରନ୍ କରିଥିଲେ ଏବଂ ଦୁବେ ମାତ୍ର ୧୨ ରନ୍ କରି ଆଉଟ୍ ହୋଇଥିଲେ। ଏକ ସମୟରେ, ମୁମ୍ବାଇ ୫ ୱିକେଟ୍ ହରାଇ ୨୦୧ ରନ୍ କରିଥିଲା। ୨୭ ଓଭରରୁ ଅଧିକ ଓଭର ବାକି ଥିବା ବେଳେ, ମୁମ୍ବାଇକୁ ବିଜୟ ପାଇଁ ମାତ୍ର ୧୬ ରନ୍ ଆବଶ୍ୟକ ଥିଲା। ସେଠାରୁ, ପଞ୍ଜାବର ବୋଲରମାନେ ବିପର୍ଯ୍ୟୟ ଘଟାଇ ପରବର୍ତ୍ତୀ ୧୪ ରନ ମଧ୍ୟରେ ମୁମ୍ବାଇର ଅଧା ଖେଳାଳିଙ୍କୁ ଆଉଟ କରିଦେଲେ। ଫଳସ୍ୱରୂପ, ମୁମ୍ବାଇର ଇନିଂସ ୨୧୫ ରନରେ ହ୍ରାସ ପାଇଲା ଏବଂ ଦଳ ଗୋଟିଏ ରନରେ ମ୍ୟାଚ୍ ହାରିଗଲା।

# ୨୦୨୬ ଟି-୨୦ ବିଶ୍ୱକପ୍ ପାଇଁ ୧୧ ଦେଶର ଦଳ ଘୋଷଣା

**ନୂଆଦିଲ୍ଲୀ (ଏଜେନ୍ସି):** ଆଇସିସି ଟି୨୦ ବିଶ୍ୱକପ୍ ୨୦୨୬ ପାଇଁ ସମସ୍ତ ୨୦ ଦଳ ଜାନୁଆରୀ ୮ ତାରିଖ ସୁଦ୍ଧା ଆଇସିସି ନିକଟରେ ସେମାନଙ୍କର ଚୂଡ଼ାନ୍ତ ଖେଳାଳି ତାଲିକା ଦାଖଲ କରିବେ। ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ପରିବର୍ତ୍ତନ ପାଇଁ ଅନୁମତି ଦିଆଯିବ। ମଙ୍ଗଳବାର ଦିନ, ନେପାଳ ଟୁର୍ଣ୍ଣାମେଣ୍ଟ ପାଇଁ ସେମାନଙ୍କର ଦଳ ଘୋଷଣା କରିବାରେ ୧୧ତମ ଦେଶ ହୋଇଥିଲା। ଭାରତ ଏବଂ ଅଷ୍ଟ୍ରେଲିଆ ପୂର୍ବରୁ ସେମାନଙ୍କର ଦଳ ଘୋଷଣା କରିସାରିଛନ୍ତି। ତେବେ କେଉଁ ଦଳ ପ୍ରତ୍ୟେକ ଗପରେ ସେମାନଙ୍କର ଦଳ ଘୋଷଣା କରିସାରିଛନ୍ତି ଏବଂ କେଉଁମାନେ ଘୋଷଣା କରିନାହାନ୍ତି, ଆସନ୍ତୁ ଜାଣିବା...

ଗ୍ରୁପ୍-ଏ:

ଭାରତ: ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଅଭିଷେକ ଶର୍ମା, ତିଳକ ବର୍ମା, ସଞ୍ଜୁ ସାମସନ, ଶିବମ ଦୁବେ, ଇଶାନ କିଶନ, ହାର୍ଦ୍ଦିକ ପାଣ୍ଡ୍ୟା, ଅର୍ଶଦୀପ ସିଂ, ଜସପ୍ରୀତ ବୁମରା, ହର୍ଷିତ ରାଣା, ବରୁଣ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ, ୱାଶିଂଟନ ସୁନ୍ଦର

ନାମିବ୍ୟା: ଗେର୍ହାର୍ଡ ଏରାସ୍ମସ୍ (ଅଧିନାୟକ), ଜେନ ଗ୍ରୀନ୍, ବର୍ନାର୍ଡ ସ୍କୋଲ୍‌ଟଜ୍, ରୁବେନ୍ ଟ୍ରମ୍ପେଲମ୍ୟାନ୍, ଜେଜେ ସ୍ମିଟ୍, ଜନ ଫ୍ରିଲିନ୍‌କ, ଲରେନ୍ ଷ୍ଟେନକ୍ୟାମ୍ପ, ମାଲାନ କ୍ରୁଗର, ନିକୋଲ ଲଫ୍‌ଟି-ଇଟନ, ଜ୍ୟାକ ବ୍ରାସେଲ, ବେନ ଶିକୋଙ୍ଗୋ, ଜେସି ବାଲ୍‌ଟ, ଡିଲାନ ଲିଚର, ଉବ୍ଲୁ ମାଇବର୍ଗ, ମ୍ୟାକ୍ସ ହିଙ୍ଗୋ। ଟିଆର: ଆଲେକ୍ସଜାଣ୍ଡାର୍ ଭୋଲସେଙ୍କ୍

ନେଦରଲ୍ୟାଣ୍ଡସ୍: ଦଳ ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ।

ଆମେରିକା: ଦଳ ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ।

ପକିସ୍ଥାନ: ଦଳ ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ।

ଗ୍ରୁପ୍-ବି:

ଅଷ୍ଟ୍ରେଲିଆ: ମିଚେଲ ମାର୍ଶ (ଅଧିନାୟକ), ଜାଭିୟର ବାର୍ଟଲେଟ୍, କୁପର କନୋଲି, ପ୍ୟାଟ୍ କମିନ୍ସ, ଟିମ୍ ଡେଭିଡ୍, କାମେରନ୍ ଗ୍ରୀନ୍, ନାଥନ୍ ଏଲିସ୍, ଜୋଶ୍ ହାଜେଲଉଡ୍, ଟ୍ରାଭିସ୍ ହେଡ୍, ଜୋଶ୍ ଇଙ୍ଗଲିସ୍, ମାଥ୍ୟୁ କୁହ୍ନେମାନ, ଗ୍ଲେନ୍ ମ୍ୟାକ୍ସୱେଲ, ମାଥ୍ୟୁ ସର୍ଟ, ମାର୍କସ୍ ଷ୍ଟୋଇନିସ୍, ଏଡମ ଜାମ୍ପା

ଶ୍ରୀଲଙ୍କା: ଦାସୁନ୍ ଶନାକା (ଅଧିନାୟକ), ପାଥୁମ୍ ନିସଙ୍କା, କୁସାଲ ମେଣ୍ଡିସ୍, କାମିଲ ମିଶରା, କୁସାଲ ପରେରା, ଧନଞ୍ଜୟ ଡି ସିଲ୍‌ଭା, ନିରୋଶନ ଡିକୱେଲା, ଜନିଥ ଲିୟାନାଜ୍, ଚାରିଥ ଅସଲଙ୍କା, କାମିଣ୍ଡୁ ମେଣ୍ଡିସ୍, ପୱନ୍ ରଥନାୟକେ, ସହାନ ଆରାଚିଗେ, ବାନିନ୍ଦୁ ହସରଙ୍ଗା, ଡୁନିଥ ଓ୍ୱେଲାଗେ, ମିଲନ ରଥନାୟକେ, ନୁବାନ ତୁଷାରା, ଇଶାନ ମାଲିଙ୍ଗା, ଦୁଷ୍ମାନଥା ଚାମିରା, ପ୍ରମୋଦ ମଦୁଶାନ, ମାଥିଶା ପାଥିରାନା, ଦିଲଶାନ ମଦୁଶଙ୍କା, ମହେଶ ଥିକ୍ସାନା, ଦୁଶାନ ହେମନ୍ଥ, ବିଜୟକାନ୍ତ ବ୍ୟାସକାନ୍ତ, ଟ୍ରେବିନ ମାଥ୍ୟୁ

ଜିମ୍ବାୱେ: ସିକନ୍ଦର ରଜା (ଅଧିନାୟକ), ବ୍ରାଏନ୍ ବେନେଟ୍, ରିଆନ୍ ବର୍ଲ୍, ଗ୍ରୀମ କ୍ରେମର, ବ୍ରେଡଲି ଇଭାନ୍ସ, କ୍ଲିଭ ମଦାଣ୍ଡେ, ଟିନୋଟେଣ୍ଡା ମାପୋସା, ତାଦିୱାନାଶେ ମାରୁମାନି, ୱେଲିଙ୍ଗଟନ୍ ମାସାକଦଜା, ଟୋନି ମୁନୟୋଗା, ତଶିଙ୍ଗା ମୁସେକିୱା, ବ୍ଲେସିଂଙ୍ଗ ମୁଜାରାବାନୀ, ଡାୟୋନ୍ ମାୟର୍ସ, ରିଚାର୍ଡ ନଗାରଓ୍ୱା, ବ୍ରେଣ୍ଡନ୍ ଟେଲର

ଓମାନ: ଜତିନ୍ଦର ସିଂହ (ଅଧିନାୟକ), ବିନାୟକ ଶୁକ୍ଳା, ମହମ୍ମଦ ନାଦିମ, ଶକିଲ ଅହମ୍ମଦ, ହମ୍ମାଦ ମିର୍ଜା, ୱାସିମ ଅଲି, କରଣ ସୋନାୱଲେ, ଶାହ ଫୈସଲ, ନଦିମ ଖାନ, ସୁଫିଆନ ମହମୁଦ, ଜୟ ଓଡେଦରା, ଶାଫିକ୍ ଜାନ, ଆଶିଷ ଓଡେଦରା, ଜିତେନ ରାମାନନ୍ଦୀ, ହସେନ ଅଲି ଶାହା।

ଆୟର୍ଲାଣ୍ଡ: ଏପର୍ଯ୍ୟନ୍ତ ଦଳ ଘୋଷଣା କରାଯାଇ ନାହିଁ।

ଗ୍ରୁପ୍-ସି: ଇଂଲଣ୍ଡ: ହ୍ୟାରି ବ୍ରୁକ୍ (ଅଧିନାୟକ), ରେହାନ ଅହମ୍ମଦ, ଜୋଫ୍ରା ଆର୍ଚର, ଟମ୍ ବାଣ୍ଟନ୍, ଜାକବ୍ ବେଥେଲ୍, ଜୋସ୍ ବଟଲର୍, ସେମ୍ କୁରେନ୍, ଲିଆମ୍ ଡସନ୍, ବେନ୍ ଡକେଟ, ୱିଲ୍ ଜ୍ୟାକ୍ସ, ଜେମି ଓଭରଟନ୍, ଆଦିଲ୍ ରସିଦ୍, ଫିଲ୍ ସଲ୍‌ଟ, ଜୋଶ୍ ଟୋଙ୍ଗ୍, ଲୁକ୍ ଉଡ୍

ବାଂଲାଦେଶ: ଲିଟନ୍ ଦାସ (ଅଧିନାୟକ), ତାନଜିଦ୍ ହାସନ୍, ପରଭେଜ୍ ହୋସେନ୍ ଇମନ୍, ସୈଫ୍ ହସନ୍, ତୋହିଦ୍ ହ୍ରିଦୋୟ, ଶମିମ୍ ହୁସେନ୍, କାଜୀ ନୁରୁଲ ହାସନ ସୋହାନ, ଶାକ ମହେଦି ହାସନ, ରିଷଦ ହୁସେନ୍, ନସୁମ୍ ଅହମ୍ମଦ, ମୁସ୍ତାଫିଜୁର ରହମାନ, ତାନଜିମ୍ ହସନ୍ ସାକିବ, ତସ୍କିମ୍ ହସିନ୍, ସୈଫ ଉଦିନ, ସୈରଫୁଲ ଇସଲାମ

ନେପାଳ: ରୋହିତ ପୌଡେଲ (ଅଧିନାୟକ), ଦୀପେନ୍ଦ୍ର ସିଂହ ଏରୀ, ସନ୍ଦୀପ ଲାମିଛାନେ, କୁଶଲ ଭୁର୍ଟେଲ, ଅସୀଫ ଶେଖ, ସନ୍ଦୀପ ଜୋରା, ଆରିଫ ଶେଖ, ବସିର ଅହମ୍ମଦ, ସୋମପାଲ କାମି, କରଣ କେସି, ନନ୍ଦନ ଯାଦବ, ଗୁଲଶାନ ଝା, ଲଳିତ ରାଜବଂଶୀ, ଶେର ମଲ୍ଲା, ଲୋକେଶ ବମ

ଇଟାଲୀ: ଦଳ ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ।

ୱେଷ୍ଟଇଣ୍ଡିଜ୍: ଦଳ ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ

ଗ୍ରୁପ୍-ଡି: ଦକ୍ଷିଣ ଆଫ୍ରିକା: ଆଡେନ ମାର୍କ୍ରମ (ଅଧିନାୟକ), କ୍ୱିଣ୍ଟନ୍ ଡି କକ୍, ଟନି ଡି ଜୋରଜୀ, ଡିୱାଲ୍‌ଡ ବ୍ରେଭିସ୍, ଡେଭିଡ ମିଲର, ଡୋନୋଭାନ ଫରେରା, ମାର୍କୋ ଜନସନ୍, କେଶବ ମହାରାଜ, କାଗିସୋ ରାବାଡା, କ୍ୱେନା ମଫାକା, ଲୁଙ୍ଗି ଏନଗିଡି, ଜେସନ ସ୍ମିଥ, ଜର୍ଜ ଲିଣ୍ଡେ, କର୍ବିନ ବୋଶ, ଐନ୍‌ରିଚ ନର୍ଟେଜେ

ଆଫଗାନିସ୍ତାନ: ରସିଦ ଖାନ (ଅଧିନାୟକ), ନୁର ଅହମ୍ମଦ, ଅବଦୁଲ୍ଲା ଅହମ୍ମଦଜାଇ, ସେଦିକୁଲ୍ଲା ଅଟଳ, ଫଜଲହକ୍ ଫାରୁକି, ରହମାନୁଲ୍ଲା ଗୁରୁବାଜ, ନବୀନ-ଉଲ-ହକ, ମହମ୍ମଦ ଇଶାକା, ଶାହିଦୁଲ୍ଲା କମାଲ, ମହମ୍ମଦ ନବୀ, ଗୁଲବଦ୍ଦିନ ନାଏବ, ଅଜମୁତୁଲ୍ଲା ଓମରଜଇ, ମୁଜିବ ଉର୍ ରେହମାନ, ଦରବିସ ରସୁଲି, ଇବ୍ରାହିମ ଜାଦରାନ। ରିଜର୍ଭ: ଏଏମ୍ ଗଜନଫର, ଇଜାଜ ଅହମ୍ମଦଜାଇ ଏବଂ ଜିଆ-ଉର-ରହମାନ ସରିଫି

କାନାଡା: ଦଳ ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ।

ସଂଯୁକ୍ତ ଆରବ ଏମିରେଟ୍ସ: ଦଳ ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ।

ନ୍ୟୁଜିଲ୍ୟାଣ୍ଡ: ଦଳ ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ।




NTV
NISHKARSHA

ନିଷ୍କର୍ଷ
NISHKARSHA

ପ୍ରତିଦିନ ଆପଣଙ୍କୁ ତାଜା ଖବର ଦେବା ପାଇଁ
ନିଷ୍କର୍ଷ ମିଡିଆ ଅଙ୍ଗିକାରବଦ୍ଧ
ତେଣୁ ଆପଣ ନିଷ୍କର୍ଷ ସାପ୍ତାହିକଖବରକାଗଜ, ନିଷ୍କର୍ଷ ପୋର୍ଟାଲ, ୟୁଟ୍ୟୁବ ଚାନେଲ ସହ ୨୪ଘଣ୍ଟିଆ ଚାନେଲ ଏନଟିଭି ଦେଖନ୍ତୁ ସର୍ଚ୍ଚ କରନ୍ତୁ
nishkarsha.com

# ମାଲେସିଆ ଓପନ କ୍ୱାର୍ଟର ଫାଇନାଲ୍‌ରେ ସିନ୍ଧୁ, ସାତ୍ତ୍ୱିକ୍-ଚିରାଗ୍




**କୁଆଲାଲାମ୍ପୁର (ଏଜେନ୍ସି) :** ଦୁଇଥର ଅଲିମ୍ପିକ୍ ପଦକ ବିଜେତା ପି. ଭି. ସିନ୍ଧୁ ଏବଂ ଷ୍ଟାର ଡବଲ୍ସ ଯୋଡ଼ି ସାତ୍ୱିକସାଇରାଜ ରେଣ୍ଡି ଏବଂ ଚିରାଗ୍ ସେଟ୍ଟୀ ପରସ୍ପର ବିପକ୍ଷରେ ବିଜୟ ହାସଲ କରି ମାଲେସିଆ ଓପନ୍ ସୁପର ୧୦୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲେ ପ୍ରବେଶ କରିଛନ୍ତି। ମହିଳା ଏକକ ବର୍ଗରେ ସିନ୍ଧୁ ଜାପାନର ତୋମୋକା ମିଆଜାକିଙ୍କୁ ପରାସ୍ତ କରିଥିଲେ, ଯିଏ ତାଙ୍କ ଠାରୁ ଉଚ୍ଚ ସ୍ଥାନରେ ଥିଲେ। ଏହି ସମୟରେ ସାତୱିକ୍-ଚିରାଗ୍‌ଙ୍କ ପୁରୁଷ ଡବଲ୍ସ ଯୋଡ଼ି ମାଲେସିଆର ଜୁନୈଦି ଆରିଫ୍ ଏବଂ ରୟ କିଙ୍ଗ ୟାପଙ୍କୁ ପରାସ୍ତ କରିଥିଲେ। ଏହି ସମୟରେ, ପୁରୁଷ ସିଙ୍ଗଲ୍ସ ବର୍ଗରେ ଭାରତୀୟ ଚ୍ୟାଲେଞ୍ଜ ସମାପ୍ତ ହୋଇଥିଲା। ଦୀର୍ଘ ସମୟ ଧରି ଆହତ ଅବସ୍ଥାରେ ରହିବା ପରେ ପ୍ରତ୍ୟାବର୍ତ୍ତନ କରିଥିବା ପୂର୍ବତନ ବିଶ୍ୱ ଚାମ୍ପିଅନ୍ ସିନ୍ଧୁ ୩୩ ମିନିଟରେ ଅଷ୍ଟମ ସିଡ୍ ମିଆଜାକି ୨୧-୮, ୨୧-୧୩ ଙ୍କୁ ପରାସ୍ତ କରିଥିଲେ। କ୍ୱାର୍ଟର ଫାଇନାଲରେ ସିନ୍ଧୁ ଜାପାନର ତୃତୀୟ ମାନ୍ୟତା ଖେଳାଳି ଆକାନେ ୟାମାଗୁଚିଙ୍କୁ ଭେଟିବେ, ଯିଏ ଅନ୍ୟ ଏକ ମ୍ୟାଚରେ ଚୀନର ଗାଓ ଫାଙ୍ଗ ଜି ୨୧-୧୧, ୪-୨୧, ୨୧-୧୭ ଙ୍କୁ ପରାସ୍ତ କରିଥିଲେ।

ଗତ ବର୍ଷ ବିଶ୍ୱ ଚାମ୍ପିଅନସିପରେ ଦ୍ୱିତୀୟ ବ୍ରୋଞ୍ଜିତିଥିବା ସାତୱିକ୍-ଚିରାଗ୍, ଜୁନୈଦି ଆରିଫ୍ ଏବଂ ରୟ କିଙ୍ଗ ୟାପ୍ ୨୧-୧୮, ୨୧-୧୨ ଙ୍କୁ ୩୯ ମିନିଟରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପହଞ୍ଚିଥିଲେ। ଏହାଦ୍ୱାରା ସେମାନେ ମାଲେସିଆ ବିପକ୍ଷରେ ସେମାନଙ୍କର ରେକର୍ଡକୁ ୪-୦ରେ ପହଞ୍ଚାଇଛନ୍ତି। କ୍ୱାର୍ଟର ଫାଇନାଲରେ ସାତୱିକ୍ ଏବଂ ଚିରାଗ୍ ଚାଇନିଜ୍ ତାଇପେଇର ଚେନ୍ ଝି ରେ ଏବଂ ଲିନ୍ ୟୁ ଚିଏ ଏବଂ ଇଣ୍ଡୋନେସିଆର ଫଜର ଆଲଫିଆନ୍ ଏବଂ ଫିକ୍ରି ମହମ୍ମଦଙ୍କ ମଧ୍ୟରେ ମ୍ୟାଚ୍ର ବିଜେତାଙ୍କୁ ଭେଟିବେ। ଭାରତୀୟ ପୁରୁଷ ସିଙ୍ଗଲ୍ସ ଖେଳାଳି ଲକ୍ଷ୍ୟା ସେନ୍ ଏବଂ ଆୟୁଷ ସେଟ୍ଟୀ ପରାଜୟ ବରଣ କରିଥିଲେ। ସେନ ପ୍ରି-କ୍ୱାର୍ଟର ଫାଇନାଲରେ ହଂକଂ-ଚାଇନିଜ୍ ଲି ଚେଉକ୍ ୟିୟୁ ୨୨-୨୨, ୧୫-୨୧ ଙ୍କ ଠାରୁ ୫୩ ମିନିଟରେ ହାରି ଯାଇଥିଲେ। ଶେଟ୍ଟୀ ୭୦ ମିନିଟ୍ ଧରି ଚାଲିଥିବା ଏକ କଠିନ ପ୍ରତିଦ୍ୱନ୍ଦ୍ୱିତାମୂଳକ ମ୍ୟାଚ୍ରେ ଚୀନର ଶୀର୍ଷ ମାନ୍ୟତା ଶି ୟୁ କି ୧୮-୨୧, ୨୧-୧୮, ୧୨-୧୨ଙ୍କ ଠାରୁ ହାରି ଯାଇଥିଲେ।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com & nishkarsha.site
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ : ତପନ କୁମାର ସାହୁ